
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୧ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 February 2026
Vol.No. 36 ■ No.30 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ମମତାଙ୍କ ଗଡ଼ରେ ଗର୍ଜିଲେ ଅମିତ ଶାହ

## ପଶ୍ଚିମବଙ୍ଗ ଜନସଭାରେ ମୁଖ୍ୟମନ୍ତ୍ରୀ ଓ ଟିଏମସିକୁ କଡ଼ା ସମାଲୋଚନା



ନୂଆଦିଲ୍ଲୀ, ୩୧/୧ : ମମତାଙ୍କ ଗଡ଼ରେ ଗର୍ଜିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ପଶ୍ଚିମବଙ୍ଗରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗ ଦେଇ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଟିଏମସିକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ବଙ୍ଗଳାରେ ତୃଣମୂଳ କଂଗ୍ରେସ ସରକାରର ପତନ ନିଶ୍ଚିତ ଏବଂ ୨୦୨୬ ରାଜ୍ୟ ରାଜନୀତିରେ ପରିବର୍ତ୍ତନର ବର୍ଷ ହେବ ବୋଲି ଦାବି କରିଛନ୍ତି ଶାହ। କହିଛନ୍ତି, ବାମପନ୍ଥୀମାନଙ୍କୁ ହଟାଇବା ପାଇଁ ବଙ୍ଗଳାର ଲୋକମାନେ ଟିଏମସିକୁ କ୍ଷମତା ହସ୍ତାନ୍ତର କରିଥିଲେ, କିନ୍ତୁ ଆଜି ସେହି ସରକାର ଦୁର୍ନୀତି, ଭ୍ରଷ୍ଟାଚାର, ପୁଲିସର ଅପବ୍ୟବହାର ଓ ଅନୁପ୍ରବେଶକୁ ପ୍ରୋତ୍ସାହିତ କରି ରାଜ୍ୟକୁ ପଛକୁ ନେଉଛନ୍ତି । ତେଣୁ ୨୦୨୬ ଟିଏମସିକୁ ବିଦାୟ ଦେବାର ବର୍ଷ। ଅନୁପ୍ରବେଶ ପ୍ରସଙ୍ଗରେ ଗୃହମନ୍ତ୍ରୀ କହିଛନ୍ତି, ବଙ୍ଗଳାରେ ଅବୈଧ ପ୍ରବେଶ କେବଳ ରାଜ୍ୟ ନୁହେଁ ବରଂ ସମଗ୍ର ଦେଶର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି। ସେ ଅଭିଯୋଗ କରିଛନ୍ତି ,ରାଜ୍ୟ ସରକାର ସୀମାରେ ବାଡ଼ ଦେବା ପାଇଁ ଜମି ଯୋଗାଇ ଦେଉନାହାଁନ୍ତି, ଯାହା ସୀମା ସୁରକ୍ଷା ବାହିନୀକୁ ତା'ର କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରୁଛି। ହାଇକୋର୍ଟ ଏହି ମାମଲାରେ ବିଏସଏଫ ସପକ୍ଷରେ ରାୟ ଦେଇଛନ୍ତି, କିନ୍ତୁ ଏହା ସତ୍ତ୍ୱେ, ଜମି ଯୋଗାଇ ଦିଆଯାଉନାହିଁ କାରଣ ଅନୁପ୍ରବେଶକାରୀମାନେ ଶାସକ ଦଳର ଭୋଟ ବ୍ୟାଙ୍କ। ଶାହ ଦାବି କରିଛନ୍ତି, ବିଜେପି କ୍ଷମତାକୁ ଆସିବା ପରେ, ୪୫ ଦିନ ମଧ୍ୟରେ ସୀମାରେ ବାଡ଼ ନିର୍ମାଣ ସମାପ୍ତ ହେବ ଏବଂ ସୁରକ୍ଷାକୁ ସୁଦୃଢ଼ କରାଯିବ ।

## ସ୍କୁଲ ଭିତରେ ରକ୍ତର ଛିଟା: ନବମ ଶ୍ରେଣୀ ଛାତ୍ରଙ୍କୁ ହାଣିଲା ଦଶମ ଛାତ୍ର

ରେମୁଣା, ୩୧/୧ (ନି.ପ୍ର): ଏପଟେ ସ୍କୁଲରେ ଚାଲିଥିଲା ଉତ୍ସବ, ସେପଟେ ସ୍କୁଲ ହତାରେ ଚାଲିଥିଲା ହଣାକଟା । ଅତି ନିର୍ମମ, ନୃଂଶସ ଭାବେ ନବମ ଶ୍ରେଣୀର ଛାତ୍ରଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ହାଣିଥିଲେ ଦଶମ ଛାତ୍ର । ମୁଣ୍ଡ ଓ ହାତରେ ମାରି ଚାଲିଥିଲେ ଚୋଟ ପରେ ଚୋଟ। ଧାର ଧାର ହୋଇ ମୁଣ୍ଡରୁ ବହିଥିଲା ରକ୍ତ । ଗୁରୁତର ଅବସ୍ଥାରେ ଜିଲ୍ଲା ହସ୍ପିଟାଲରେ ଆହତ ଛାତ୍ରଙ୍କୁ ଭର୍ତ୍ତି କରାଯାଇଛି। ଶିକ୍ଷାନୁଷ୍ଠାନରେ ଏଭଳି ଅଭାବନୀୟ ଘଟଣା ଆସିଛି ବାଲେଶ୍ୱରର ରେମୁଣା ହାଇସ୍କୁଲରୁ । ଆକ୍ରମଣ ପାଇଁ ହୋଇଥିଲା ପ୍ରି-ପ୍ଲାନ । ଏଥିପାଇଁ ପୂର୍ବରୁ ବ୍ୟାଗରେ ମାରଣାସ୍ତ୍ର ଆଣିଥିଲେ ଅଭିଯୁକ୍ତ ଛାତ୍ର ଓ ତାଙ୍କ ସହପାଠୀ । ନବମ ଶ୍ରେଣୀ ଛାତ୍ରଙ୍କୁ ସ୍କୁଲ ପଛକୁ ଡାକି ଆକ୍ରମଣ କରିଥିଲେ ଅଭିଯୁକ୍ତ। ଯାହାର ଭିଡ଼ିଓ ସିସିଟିଭିରେ କଏଦ ହୋଇଛି। ଏହା ପଛରେ ପ୍ରେମ ବ୍ୟାପାର ଥିବା କୁହାଯାଉଛି । ୨ ଦିନ ତଳେ ସେହି ରେମୁଣାର ଶ୍ରୀଜଙ୍ଗ ହାଇସ୍କୁଲର ଅଷ୍ଟମ ଛାତ୍ରଙ୍କ ବ୍ୟାଗରୁ ମିଳିଥିଲା ବନ୍ଧୁକ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଜାନୁଆରି ୯ ତାରିଖ ରେ ଢେଙ୍କାନାଳରେ ଜଣେ ଷଷ୍ଠଶ୍ରେଣୀ ଛାତ୍ରଙ୍କୁ ସପ୍ତମ ଶ୍ରେଣୀ ଛାତ୍ର ଛୁରାମାଡ଼ କରିଥିଲା ଜାନୁଆରି ୧୨ ତାରିଖରେ ଗଞ୍ଜାମରେ ସ୍କୁଲ ଭିତରେ ପଶି ଛାତ୍ରଙ୍କୁ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ଲଗାତାର ସ୍କୁଲରେ ଆକ୍ରମଣ ଘଟଣା ଶିକ୍ଷାନୁଷ୍ଠାନର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ଛିଡା କରିଛି । ଶିକ୍ଷାର ମନ୍ଦିରରେ ଆକ୍ରମଣ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆତଙ୍କିତ କରୁଛି। ହେଲେ ପ୍ରଶ୍ନ ଉଠୁଛି, ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ କାହିଁକି କରାଯାଉନି ସୁନିଶ୍ଚିତ ?

## ମେଦବହୁଳତା କମେଇବାକୁ ଅଗ୍ନିଶମ କର୍ମଚାରୀଙ୍କୁ ଡିଜିଙ୍କ ପରାମର୍ଶ

ଭୁବନେଶ୍ୱର, ୩୧/୧ (ନି.ପ୍ର): ମେଦବହୁଳତା କମେଇବାକୁ ଅଗ୍ନିଶମ କର୍ମଚାରୀଙ୍କୁ ଅଗ୍ନିଶମ ଡିଜି ପରାମର୍ଶ ଦେଇଛନ୍ତି। ୨୦୨୬ ଡିସେମ୍ବର ୩୧ ସୁଦ୍ଧା ଫିଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଡିଜି। ଓଜନ ହ୍ରାସ କରିବାକୁ ପ୍ରତିଦିନ ବ୍ୟାୟାମ କରିବା ସହ ଫଟୋ ହ୍ୱାଟ୍ସଆପ ଗ୍ରୁପରେ ପୋଷ୍ଟ କରିବାକୁ ନିର୍ଦ୍ଦେଶ ରହିଛି। ସେହିଭଳି ଅଗ୍ନିଶମ କର୍ମଚାରୀମାନେ କେବଳ ନିଆଁ ଲିଭେଇବା କାର୍ଯ୍ୟ କରୁ ନାହାନ୍ତି, ସଡ଼କ ଦୁର୍ଘଟଣାରେ ମଧ୍ୟ ଗତବର୍ଷ ୮ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରିଛନ୍ତି।

## ନୂଆ ସମବାୟ ନୀତି ଓ ଢେଙ୍କାନାଳରେ ମେଗା ଶିଳ୍ପ ପ୍ରକଳ୍ପ ସମେତ ୧୨ ପ୍ରସ୍ତାବକୁ ମଞ୍ଜୁରି



ଭୁବନେଶ୍ୱର, ୩୧/୧ (ନି.ପ୍ର): ପଂଚାୟତ ନିର୍ବାଚନ ପୂର୍ବରୁ ଗ୍ରାମାଂଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଏକ ନୂଆ ସମବାୟ ନୀତି କାର୍ଯ୍ୟକାରୀ ହେବ। କେନ୍ଦ୍ର ସରକାରଙ୍କ 'ସମବାୟରୁ ସମୃଦ୍ଧି' ନୀତି ଅନୁରୂପ ପ୍ରସ୍ତୁତ ଓଡ଼ିଶା ସମବାୟ ନୀତି-୨୦୨୬କୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଏହି ନୀତି ୨୦୩୬ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ । ସେହିପରି ଢେଙ୍କାନାଳର ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ୧୭୨୫୦କୋଟି ଟଙ୍କାର ମେଗା ଶିଳ୍ପ ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଏସବୁ ପ୍ରସ୍ତାବ ସମେତ ୧୦ଟି ବିଭାଗର ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟ କ୍ୟାବିନେଟ୍ ବୈଠକରେ ଢେଙ୍କାନାଳରେ ମେଗା ଶିଳ୍ପ ପ୍ରକଳ୍ପ ନିମନ୍ତେ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ରାଜ୍ୟରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ କଲ୍ୟାଣୀ ଗ୍ରୁପ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲାର ଗଜମରାଠାରେ କଲ୍ୟାଣୀ ଗ୍ରୁପର ଏକ ସମନ୍ୱିତ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉପକରଣ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ ।

◆◆ପୃଷ୍ଠା ୭

## ଆମେରିକା-ଇରାନ୍ ଯୁଦ୍ଧ ହେଲେ ଭାରତ ଉପରେ ପଡ଼ିବ ପ୍ରଭାବ



ନୂଆଦିଲ୍ଲୀ,୩୧/୧ : ଚରମ ସୀମାରେ ପହଞ୍ଚିଛି ଆମେରିକା-ଇରାନ୍ ମଧ୍ୟରେ ଉତ୍ତେଜନା । ଇରାନ ଆଡ଼କୁ ଗୋଟିଏ ପରେ ଗୋଟିଏ ଯୁଦ୍ଧଜାହାଜ ପଠାଇ ଚାଲିଛି ଆମେରିକା । କୌଣସି ମୂହୁର୍ତ୍ତରେ ବି ନିଆଯାଇପାରେ ଚରମ ନିଷ୍ପତ୍ତି । ସେପଟେ ଯୁଦ୍ଧକୁ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଦାବି କରିଛି ଇରାନ । ଆଉ ଏହି ବଢୁଥିବା ସଂଘର୍ଷ ଆରବ ଦେଶ ଗୁଡ଼ିକର ଚିନ୍ତାର କାରଣ ହୋଇଛି । ସେମାନେ ଭୟ କରୁଛନ୍ତି ଯେ ଏହି ଯୁଦ୍ଧ ଶକ୍ତି ଯୋଗାଣକୁ ବାଧା ଦେଇପାରେ, ଯାହା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବ । ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧକୁ ନେଇ କେବଳ ଆରବ ଦେଶଗୁଡ଼ିକ ପ୍ରଭାବିତ ହେବେ ତା ନୁହେଁ ଏହି ଯୁଦ୍ଧ ଭାରତକୁ ବି ପ୍ରଭାବିତ କରିବ । ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ଦ୍ୱାରା ଭାରତର ଶକ୍ତି ସୁରକ୍ଷା, ଆଞ୍ଚଳିକ ସ୍ଥିରତା ଓ ଅର୍ଥନୈତିକ ସ୍ୱାର୍ଥ ଉପରେ ଗଭୀର ପ୍ରଭାବ ପଡ଼ିବ । ଏହା ଦ୍ୱାରା ଅଶୋଧିତ ତୈଳ ମୂଲ୍ୟରେ ବି ବଡ଼ ପରିବର୍ତ୍ତନ ଆସିବ, ଏବଂ ଦରଦାମ ବୃଦ୍ଧି ପାଇବ। ଏହା ବ୍ୟତୀତ, ଉପସାଗରୀୟ ଅଞ୍ଚଳରେ କାମ କରୁଥିବା ୮୦ ରୁ ୯୦ ଲକ୍ଷ ଭାରତୀୟଙ୍କ ସୁରକ୍ଷା ବିପଦରେ ପଡ଼ିପାରେ । ଇରାନର ଚାବାହାର ବନ୍ଦରରେ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇପାରେ ।

◆◆ପୃଷ୍ଠା ୭

## ହାତୀ ମୃତଦେହକୁ ଅନ୍ୟତ୍ର ପୋତିବା ଘଟଣାରେ ଏସିଏଫ୍ ନିଲମ୍ବିତ

ଭୁବନେଶ୍ୱର, ୩୧/୧ (ନି.ପ୍ର): ବାଲିଗୁଡାରୁ ମୃତ ହାତୀକୁ ଖଣ୍ଡ ଖଣ୍ଡ କରି କେସିଙ୍ଗା ନିକଟରେ ପୋତିବା ଘଟଣାରେ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରାଯାଇଛି। ଏହାସହ ଏସିଏଫ୍ ସୂର୍ଯ୍ୟକାନ୍ତ ଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ନ ସରିବା ପର୍ଯ୍ୟନ୍ତ ହେଡ୍‌କ୍ୱାର୍ଟର ନଛାଡିବାକୁ ସୂର୍ଯ୍ୟକାନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ରାଜ୍ୟ ତିନି ଜଣ ବରିଷ୍ଠ ଆଇଏଏସଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୩୧/୧ (ନି.ପ୍ର): ରାଜ୍ୟ ସରକାର ପ୍ରଶାସନିକ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ୧୯୯୬ ବ୍ୟାଚ୍‌ର ତିନି ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ପଦୋନ୍ନତି ପ୍ରଦାନ କରିଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ଅଧିକାରୀମାନଙ୍କୁ 'ଏପେକ୍ସ ଗ୍ରେଡ୍' ବା ସର୍ବୋଚ୍ଚ ପାହ୍ୟାକୁ ଉନ୍ନୀତ କରାଯାଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀ ପ୍ରଦାନ କରାଯାଇଛି । ଏହି ୩ ଅଧିକାରୀ ହେଲେ ଶ୍ରୀ ଶାଶ୍ୱତ ମିଶ୍ର ଶ୍ରୀ ବିଶାଲ କୁମାର ଦେବ ଏବଂ ଶ୍ରୀମତୀ ଉଷା ପାଢ଼ୀ ସାମିଲ ଅଛନ୍ତି । ଏହି ପଦୋନ୍ନତି ଆସନ୍ତାକାଲି ଅର୍ଥାତ୍ ୨୦୨୬ ମସିହା ଫେବୃଆରୀ ୧ ତାରିଖରୁ କାର୍ଯ୍ୟକାରୀ ହେବ। ସରକାରଙ୍କ ନିର୍ଦ୍ଦେଶ ମୁତାବକ, ପଦୋନ୍ନତି ପାଇବା ପରେ ମଧ୍ୟ ଏହି ଅଧିକାରୀମାନେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଜର ବର୍ତ୍ତମାନର ସ୍ଥାନରେ ରହି ଦାୟିତ୍ୱ ତୁଲାଇବେ । ଅନ୍ୟପକ୍ଷରେ, କେନ୍ଦ୍ରୀୟ ଡେପୁଟେସନ୍ ରେ ଥିବା ୧୯୯୬ ବ୍ୟାଚ୍‌ର ଅନ୍ୟତମ ବରିଷ୍ଠ ଅଧିକାରୀ ଶ୍ରୀ ବୀର ବିକ୍ରମ ଯାଦବଙ୍କୁ ମଧ୍ୟ 'ପ୍ରୋଫର୍ମା। ପଦୋନ୍ନତି' ଦିଆଯାଇଛି । ତାଙ୍କୁ ମଧ୍ୟ ଏପେକ୍ସ ଗ୍ରେଡ୍ (ଲେଭଲ୍-୧୭) ପାହ୍ୟାକୁ ଉନ୍ନୀତ କରାଯାଇଛି ।

## ଖଟି କରୁଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୩୧/୧ (ନି.ପ୍ର): ଖଟି କରୁଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ । ଏନେଇ ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି କରିଛି । କଲେଜରେ କ୍ଲାସ ନକରି ଖଟି କରୁଥିଲେ ଆକ୍ସନ୍ ନେବ ଉଚ୍ଚଶିକ୍ଷା ବିଭାଗ । କଠୋର କାର୍ଯ୍ୟାନୁଷ୍ଠାନ ସହ ବନ୍ଦ ହୋଇପାରେ ଦରମା ।ସବୁ ସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଚିଠି । ଉଚ୍ଚଶିକ୍ଷା ବିଭାଗର ଅନୁଧ୍ୟାନ ବେଳେ ନଜରକୁ ଆସିଥିଲା ଅବହେଳା । କଟକ ଜିଲ୍ଲାର ୨ ସଂସ୍କୃତ ଅନୁଦାନପ୍ରାପ୍ତ କଲେଜରେ ଖଟି କରୁଥିଲେ ଅଧ୍ୟାପକ । କ୍ଲାସ୍ ନକରି ଅଧ୍ୟାପକ ଚେୟାର ବସି ମୋବାଇଲ୍‌ରେ ବ୍ୟସ୍ତ ଥିଲେ ।

## ଉତ୍ତର ପ୍ରଦେଶର ଆଗ୍ରାରେ କଂଟେନର ଓ ଅଟୋ ଧକ୍କା: ୫ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୩୧/୧ : ଶନିବାର ଦିନ ଉତ୍ତର ପ୍ରଦେଶର ଆଗ୍ରାରେ ଏକ କଂଟେନର ଦୁଇଟି ଅଟୋ ରିକ୍ସା ସହିତ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ପାଂଚ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ତିନିଜଣ ଆହତ ହୋଇଛନ୍ତି । ପୋଲିସ ଅଧିକ୍ଷକ ଦେବେଶ ସିଂହ କହିଛନ୍ତି ଯେ, ଖଣ୍ଡୌଲି ଥାନା ଅଂଚଳରେ ଥବବା ଖଣ୍ଡୌଲି-ଜଲେସର ରାସ୍ତାରେ ଦୁଇଟି ଅଟୋ ଗୋଟିଏ ଦିଗରେ ଯାଉଥିଲା । ଏହି ସମୟରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ କଂଟେନରଟି ଓଭରଟେକ୍ କରିବାକୁ ଚେଷ୍ଟା କରି ପ୍ରଥମେ ଏକ ଅଟୋ-ରିକ୍ସାକୁ ଧକ୍କା ଦେଇଥିଲା । ତା ପରେ ନିୟନ୍ତ୍ରଣ ହରାଇ, କଂଟେନରଟି ଅନ୍ୟ ଏକ ଅଟୋ ରିକ୍ସାକୁ ମଧ୍ୟ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଅଟୋରେ ଯାତ୍ରା କରୁଥିବା ପାଂଚ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଆହତ ହୋଇଛନ୍ତି ।


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୨୨.୦୨.୧୯୪୦
ତିରୋଧାନ: ୨୨.୦୧.୨୦୨୬

ଁ ଲକ୍ଷ୍ମୀପ୍ରିୟା ଘୋଷ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପୁତ୍ର- ବ୍ରଜେନ୍ଦ୍ର, ଇଂ. ହୃଷିକେଶ, ନାରାୟଣ, ପୁତ୍ରବଧୂ- ଆରତୀ, ଶୁଭଶ୍ରୀ, ରାଧାରାଣୀ; ଝିଅ- ବୀଣାପାଣି, ମଂଜୁଲତା; ଜ୍ୱାଇଁ- ଜୟକୃଷ୍ଣ, ଅରୁଣ, ଦିବ୍ୟଜୀବନ; ନାତି, ନାତୁଣୀ ପରିବାରବର୍ଗ, ଆତ୍ମୀୟସ୍ୱଜନ


## ଆଜି ଉପସ୍ଥାପିତ ହେବ ବଜେଟ



ନୂଆଦିଲ୍ଲୀ,୩୧/୧ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବ୍ରୁଆରି ୧ରେ ଲଗାତାର ନବମ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ। ୨୦୨୬-୨୭ ବଜେଟ୍‌ରେ ହୋଇଥିବା ଘୋଷଣାଗୁଡ଼ିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜେପି ଫେବ୍ରୁଆରି ୧ ରୁ ୧୫ ପର୍ଯ୍ୟନ୍ତ ଏକ ଅଭିଯାନ ଯୋଜନା କରିଛି।ବଜେଟର ପ୍ରମୁଖ ଘୋଷଣାଗୁଡ଼ିକୁ ସାଧାରଣ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ବିଜେପି ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବ। ଏହି ସମୟ ମଧ୍ୟରେ, ସମସ୍ତ କେନ୍ଦ୍ର ମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଦଳର ବରିଷ୍ଠ ନେତାମାନେ ବଜେଟର ପ୍ରମୁଖ ମୁଖ୍ୟାଂଶଗୁଡ଼ିକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରିବେ। ବିଜେପି ଦେଶର ପ୍ରାୟ ୧୫୦ ସ୍ଥାନରେ ସାମ୍ବାଦିକ ସମ୍ମିଳନୀର ଯୋଜନା କରିଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ମାଧ୍ୟମରେ, ସରକାର ବଜେଟର ମୁଖ୍ୟାଂଶ ଓ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିବେ। ସୂତ୍ର ଅନୁସାରେ, ଶାସକ ଦଳ ଏହି ବଜେଟ୍ ପାଇଁ ଏକ ବ୍ୟାପକ ପ୍ରଚାର ଅଭିଯାନ ଯୋଜନା କରିସାରିଛି। ଯାହା ଦ୍ୱାରା ବଜେଟ୍ ଘୋଷଣା ଓ ନୀତିଗୁଡ଼ିକୁ ସିଧାସଳଖ ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଇପାରିବ। ଭାରତୀୟ ଜନତା ପାର୍ଟି ବଜେଟ୍‌କୁ ପ୍ରୋତ୍ସାହିତ କରିବା ପାଇଁ ଏଭଳି ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛି। ଏହା ସହିତ, ସୋସିଆଲ ମିଡିଆକୁ ଏହି ଅଭିଯାନର ଏକ ପ୍ରମୁଖ ଅଂଶ କରାଯାଇଛି। ବଜେଟ୍‌ର ମୁଖ୍ୟ ବିଷୟଗୁଡ଼ିକୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରଚାର କରାଯିବ। ଏହି ପଦକ୍ଷେପକୁ ପ୍ରୋତ୍ସାହିତ କରିବା ପାଇଁ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କୁ ନିୟୋଜିତ କରାଯିବ। ବଜେଟ୍ ସମ୍ବନ୍ଧୀୟ ସୂଚନାକୁ ରିଲ୍ ମାଧ୍ୟମରେ ସରଳ ଓ ଆକର୍ଷଣୀୟ ଭାବରେ ଉପସ୍ଥାପନ କରାଯିବ। ଯୁବପିଢ଼ିଙ୍କ ନିକଟରେ ବଜେଟର ବାର୍ତ୍ତାକୁ ପ୍ରଭାବଶାଳୀ ଭାବରେ ପହଞ୍ଚାଇବା ପାଇଁ ମଧ୍ୟ ଦଳ ଲକ୍ଷ୍ୟ ରଖାଯାଇଛି। ସମ୍ପୂର୍ଣ୍ଣ ବଜେଟ୍ ଅଭିଯାନର ଦାୟିତ୍ୱ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଘଙ୍କ ନେତୃତ୍ୱରେ ଏକ ଦଳକୁ ଦିଆଯାଇଛି। ଏହି ଦଳରେ ସରୋଜ ପାଣ୍ଡେ, ଶ୍ରୀକାନ୍ତ ଶର୍ମା, ନରେନ୍ଦ୍ର ରୈନା, ଜିଭିଏଲ ନରସିଂହ ରାଓ, ଗୋପାଳ କୃଷ୍ଣ ଅଗ୍ରୱାଲ, ଅନିଲ ଆଣ୍ଟୋନି, ସଞ୍ଜୟ ଟଣ୍ଡନ ଓ ଗୁରୁ ପ୍ରକାଶ ପାଶୱାନ ଅଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ଉପଲକ୍ଷେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ : ତ୍ରୁଟିଶୂନ୍ୟ ପରିଚାଳନାକୁ ଗୁରୁତ୍ୱ

ବାରିପଦା, ୩୧/୧ (ନି.ପ୍ର): ଆସନ୍ତା ଫେବୃଆରୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ମୟୁରଭଞ୍ଜ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହାକୁ ନେଇ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ କରିବାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହାସହ ବର୍ତ୍ତମାନର ସ୍ଥିତିକୁ ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ କଡ଼ା ପ୍ରୋଟୋକଲର ଅନୁପାଳନ ସହ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକୁ ସୁବ୍ୟବସ୍ଥିତ ରୂପେ ସମ୍ପାଦିତ କରିବାକୁ ପ୍ରତ୍ୟେକ ସ୍ଥାନରେ ସ୍ୱତନ୍ତ୍ର ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରି ଟିମ ଗଠନ କରାଯାଇଛି । ଦାଣ୍ଡବୋଷ୍ ଏୟାରଷ୍ଟ୍ରିପଠାରେ ଅବତରଣ ପରେ ମାନ୍ୟବର ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ସ୍ଥାନକୁ ଗସ୍ତ ତଥା ବିଭିନ୍ନ କାର୍ଯ୍ୟକ୍ରମ ଯୋଗଦାନ ସ୍ଥଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକୁ ଦାୟିତ୍ୱର ସହିତ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ସଜାଗ ରଖାଯାଇଛି । ଗସ୍ତ କାର୍ଯ୍ୟକ୍ରମ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପ୍ରତି ସଜାଗ ରହିବା ପାଇଁ ଟାଟା ପାୱାର କୁ ନିର୍ଦ୍ଦେଶ ଦେଇଛନ୍ତି । ଯୋଗାଯୋଗରେ ସମନ୍ୱୟ ରକ୍ଷା ପାଇଁ ପୋଲିସ୍ ଓ ବନ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ । ଏହାସହ ସମାନ୍ତରାଳ ଭାବେ ପ୍ରଶାସନ ମଧ୍ୟ କାର୍ଯ୍ୟ କରିବ ବୋଲି ଚୂଡ଼ାନ୍ତ ହୋଇଛି । ସେଭଳି କାର୍ଯ୍ୟକ୍ରମ ସ୍ଥଳରେ ପାୱାର ବ୍ୟାକ-ଅପ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସଭାସ୍ଥଳ ଗୁଡିକ ରେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ୱାଟକୋ ଏବଂ ଆର ଡବ୍ଲ୍ୟୁ ଏସ ଏସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସହିତ ପ୍ରସ୍ତୁତ ରହିବା ପାଇଁ ଅଗ୍ନିଶମ ସେବା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ସହିତ ଆବଶ୍ୟକ ସଂଖ୍ୟକ ଆମ୍ବୁଲାନ୍ସ ସେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଶ୍ରୀ ଦୁଖ ବନ୍ଧୁ ନାୟକ,ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ କିଶୋର କୁମାର ଆଚାର୍ଯ୍ୟ, ଏ ଡି ଏମ ଓ, ଡ଼. ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ଶ୍ରୀମତୀ ସବିତା ମାଝୀ ପ୍ରମୁଖଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ । ସେହିପରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଚାରୁ କୁମାର ବଳ,ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ କରଞ୍ଜିଆ ଉପଜିଲ୍ଲାପାଳ ଶ୍ରୀମତୀ କସ୍ତୁରୀ ପଣ୍ଡା ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଶ୍ରୀ ଯଦୁନାଥ ଜେନା, ବିଭିନ୍ନ ବ୍ଲକର୍ ବି ଡି ଓ, ତହସିଲଦାର ଓ ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀ ମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ର ବସ୍ତାର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବସ୍ତା, ୩୧/୧ (ନି.ପ୍ର): ଆଜିର ସମାଜରେ ପ୍ରତିଟି ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ଙ୍କୁ ବଡ଼ ମଣିଷ ପରିବର୍ତ୍ତେ ଭଲ ମଣିଷ ହେବା ପାଇଁ ଶିକ୍ଷା ଦେବାର ଆବଶ୍ୟକତା ରହିଛି। ଦେଲେ ଆଜିର କଳୁଷିତ ସମାଜ ପରିବର୍ତ୍ତନ ହୋଇ ସଂସ୍କାର ଆସିପାରିବ ବୋଲି ବସ୍ତା ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଉପସ୍ଥିତ ଅତିଥି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାଯ୍ୟ ଶ୍ରୀପତି ଚରଣ ପାତ୍ର ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ,ମୁଖ୍ୟ ବକ୍ତା ଭାବେ ବସ୍ତା ଗୋଷ୍ଠି ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା,ସି ଆର ସି ସି ଅଶୋକ କୁମାର ପାଢ଼ୀ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଙ୍କର କର,ସମ୍ପାଦକ ରାମଚନ୍ଦ୍ର ଦେବ, ଉପଦେଷ୍ଟା କମିଟି ସଭାପତି ଶ୍ୟାମାପ୍ରସାଦ ବେହେରା,କୁଡ଼ିଆ ସରପଞ୍ଚ ଗୌରାଙ୍ଗ ବେହେରା, କୁମୁଦ ରଞ୍ଜନ ଗିରି,ଶିକ୍ଷାବିତ୍ ଗଗନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗର କୃତି ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନେ ମାନପତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ସଭା ଶେଷରେ ବିଦ୍ୟାଳୟ ର ଉପ ପ୍ରଧାନ ଆଚାର୍ଯ୍ୟ ରଞ୍ଜିତା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ନୀଳଗିରି, ୩୧/୧ (ନି.ପ୍ର): ନୀଳଗିରି ବ୍ଲକ ମିତ୍ରପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରଶ୍ମିରଞ୍ଜନ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭଗବାନ ଦାସ,ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମାଳତୀ ମହାନ୍ତି,ଯତୀନ କୁମାର ଦାସ,ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଗୋପାଳ ଚନ୍ଦ୍ର ମହାପାତ୍ର ,ଡ. ରବି ନାରାୟଣ ବେହେରା,ଅଞ୍ଜଳୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।ବାର୍ଷିକ କ୍ରୀଡା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷୟତ୍ରୀ ସରିତା ଖଣ୍ଡେଲୱାଲଙ୍କ ସଭାପତିତ୍ୱରେ ଏହି ସଭାଟି ପରିଚାଳିତ ହୋଇଥିବା ବେଳେ ଶିକ୍ଷୟତ୍ରୀ ପ୍ରମିଳା ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ ହୋଇଥିଲା।

# ନବ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୩୧/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ କୋର୍ଟ ମାନଙ୍କରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ନୂତନ ସରକାରୀ ଓକିଲମାନଙ୍କୁ ତ୍ରୁଟି ବିହିନ ମାମଲା ଓ ଦଣ୍ଡ ବୃଦ୍ଧିହାର ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଛି। କେନ୍ଦ୍ରାପଡ଼ା ଅଭିଯୋଜନା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ବିରେନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହାୟକ ନିର୍ଦ୍ଦେଶକ ବିକାଶ କୁମାର ସେଠୀ, ଅଭିଯୋଜନା ଅଧିକାରୀ(ପିପି) ସୌଭାଗ୍ୟବତୀ ପଟ୍ଟନାୟକ, ବରିଷ୍ଠ ଆଇନଜିବୀ ଶାନ୍ତି ସ୍ୱରୂପ ଭୂୟାଁ, ନେହେରୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ କୋର୍ଟରୁ ଆସିଥିବା ସରକାରୀ ଓକିଲମାନଙ୍କୁ ତାଲିମ ପ୍ରଦାନରେ ସହାୟତା କରିଥିଲେ।

# ଭଦ୍ରକରେ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ



ଭଦ୍ରକ , ୩୧/୧ (ନି.ପ୍ର): ମହାମାନବ ମହାତ୍ମାଗାନ୍ଧୀଙ୍କର ୭୮ତମ ମହାପ୍ରୟାଣ ଦିବସ ଭଦ୍ରକ ମହାତ୍ମାଗାନ୍ଧୀ ବିଚାରମଞ୍ଚ ଦ୍ୱାରା ସ୍ଥାନୀୟ ଶହୀଦ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାବେଶରେ ବିଚାର ମଞ୍ଚର ସ୍ଥାୟୀ ସଭାପତି ଶ୍ରୀ ଶାନ୍ତନୁ କୁମାର ରାଉତ ଅଧକ୍ଷତା କରିଥିଲେ । ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଜିଲ୍ଲାପାଳ ଦିଲୀପ କୁମାର ରାଉତରାୟ, ବିଧାୟକ ସଂଜୀବ କୁମାର ମଲ୍ଲିକ, ଡ଼. ବେଣୁଧର ପାଢ଼ୀ, ଡ଼. ବାସନ୍ତୀ ମହାନ୍ତି । ସଂବର୍ଦ୍ଧିତ ପ୍ରତିଭା ଭାବରେ ଯୋଗାଦାନ କରିଥିଲେ ଡ଼. ଶଶଧର ମେଦିନ ସିଂହ ମହାପାତ୍ର ଓ ଶ୍ରୀ ଅକ୍ଷୟ କୁମାର ସେଠୀ । ଆରମ୍ଭରେ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣରେ ଅଧାପକ ଶଶୀକାନ୍ତ ପାଢ଼ୀ କରିଥିବା ବେଳେ ପ୍ରଫେସର ନାସିର ବକ୍ସ ସ୍ୱାଗତ ଭାଷଣ ଓ ସାହିତ୍ୟିକ ହରମୋହନ କୁଅଁର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀ ଗଣ ଗାନ୍ଧୀଜୀଙ୍କର ପ୍ରିୟ ଭଜନ "ବୈଷ୍ଣବ ଜନକୋ" ପରିବେଷଣ କରିଥିଲେ ଏବଂ ଯୁଗ୍ମ ସଂପାଦକ ବୈଲୋଚନ ବେହୁରିଆ ସଂପାଦକୀୟ ଉପସ୍ଥାପନ କରିଥିଲେ । ଡ଼. ଶଶଧର ମେଦିନି ସିଂହ ମହାପାତ୍ର ଓ ଅକ୍ଷୟ କୁମାର ସେଠୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ମୁକ୍ତିକାନ୍ତ ଗୋସ୍ୱାମୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମହାତ୍ମାଗାନ୍ଧୀ ଜୀବନୀ ସମ୍ବଳିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କୋଷାଧକ୍ଷ କରୁଣାକର ଉପାଧ୍ୟାୟ । ସଂବର୍ଦ୍ଧନା ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ ବାବୁଲାଲ ଦାସ ଓ ସ୍ନେହଲତା ବେହେରା । ଏହି କାର୍ଯ୍ୟରେ ସହଯୋଗ କରିଥିବା ବ୍ୟକ୍ତି ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ କୁମାର ନାୟକ, ଆଦିତ୍ୟ ନାୟକ, ଆଦିତ୍ୟ ଗୋସ୍ୱାମୀ, ରମାକାନ୍ତ ନାୟକ, ପରମାନନ୍ଦ ସାହୁ, ବିବେକାନନ୍ଦ ମୁଖାର୍ଜୀ, ବିଚିତ୍ରାନନ୍ଦ ମହାନ୍ତି, ଭାସ୍କର ନାୟକ, ମନୋରଂଜନ ଦାସ, ବସୁମିତ୍ରା ସାହୁ, ଗୋବର୍ଦ୍ଧନ ସାମଲ, ଗୟାଧର ପଣ୍ଡା, ଅଶୋକ ଦାସ, ବାଦଲ କିଶୋର ମହାପାତ୍ର, ବାବୁଲା ରାଉତ । କବିତା ପାଠରେ ସହଯୋଗ କରିଥିଲେ ଡ଼ାକ୍ତର ଅନିଲ ଦାସ, ଗୌରାଙ୍ଗ ଚନ୍ଦ୍ର ବାରିକ ଏବଂ ମଞ୍ଚ ଆମନ୍ତ୍ରଣ କରିଥିଲେ ସମାଜସେବୀ କାଳନ୍ଦୀ ମଲ୍ଲିକ । ସଭାପତିଙ୍କର ଅଭିଭାଷଣ ପରେ ଯୁଗ୍ମ ସଂପାଦକ ମଦନ ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସଭାଶେଷରେ ଭଦ୍ରକ କୃଷ୍ଣାଶ୍ରମ ସମେତ ଉପସ୍ଥିତ ଗାନ୍ଧୀ ପ୍ରେମୀମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା ।

# କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଏବଂ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ସହୀଦ ଦିବସ ପାଳନ



ବୈଶିଙ୍ଗା , ୩୧/୧ (ନି.ପ୍ର): ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଖୁଣ୍ଟାପୁରସ୍ଥିତ ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଉଭୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ନେତୃତ୍ୱ ରେ ସହୀଦ ଦିବସ ପାଳିତ ହୋଇଯାଇଛି । ୧୯୪୮ ମସିହା ଆଜିର ଦିନରେ ରାଷ୍ଟ୍ର ପିତା ମହାତ୍ମା ଗାନ୍ଧିଜୀଙ୍କୁ ଧର୍ମାନ୍ଧ ଯୁବକ ନାଥୁରାମ ଗଡ଼ସେ ହତ୍ୟା କରିଥିଲେ । ଦେଶ ସ୍ୱାଧୀନତା ର ମହାନାୟକଙ୍କ ଏହି ନିଧନ ଦିବସକୁ ସମଗ୍ର ଦେଶ ସହୀଦ ଦିବସ ରୂପେ ପାଳନ କରିଥାଏ । ପ୍ରାରମ୍ଭରେରେ ଗାନ୍ଧିଜୀଙ୍କ ଫୋଟୋ ଚିତ୍ର ରେ ସମସ୍ତେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ଉଭୟ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ର ବିଭିନ୍ନ ଦିଗ, ଧର୍ମାନ୍ଧତା ଓ ସାମ୍ପ୍ରଦାୟିକତା ର କୁପରିଣାମ ସମ୍ପର୍କ ରେ ଆଲୋଚନା କରିଥିଲେ । ଉଗ୍ରଜାତୀୟତାବାଦ ରେ ଜର୍ଜରିତ ସାମ୍ପ୍ରତିକ ବିଶ୍ୱ ରେ ଗାନ୍ଧିଜୀ ଙ୍କ ବିଚାର ଆଜି ମଧ୍ୟ ପ୍ରାସଙ୍ଗିକ ବୋଲି ବକ୍ତା ମାନେ ମତ ଦେଇଥିଲେ । ସୁନ୍ଦର ବକ୍ତବ୍ୟ ରଖିଥିବା ଛାତ୍ରଛାତ୍ରୀ ଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ସଫଳ କରିବାରେ ତୁଷାରକାନ୍ତ ପାତ୍ର, ଜ୍ୟୋତ୍ସ୍ନାରାଣୀ ଜେନା,ପ୍ରଭାତୀ ପ୍ରଧାନ, ରାଜନନ୍ଦିନୀ ପାତ୍ର, ମୁକୁନ୍ଦ ସେନାପତି, ତୃପ୍ତି ଦାସ, ସ୍ନିଗ୍ଧା ଲେଙ୍କା, ଶୁଭସ୍ମିତା ସାମନ୍ତରାୟ,ସବିତା ବାରିକ, ଶୁଭଲକ୍ଷ୍ମୀ ମାଝୀ, ରାଧୁ ସିଂ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ସେଲ୍, ଆରଏସପିରେ ଜ୍ଞାନ ମଞ୍ଚ କୁଇଜ୍ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଅନୁଷ୍ଠିତ




ରାଉରକେଲା, ୩୧/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମାନବ ସମ୍ବଳ (ଜ୍ଞାନାର୍ଜନ ଏବଂ ବିକାଶ) ବିଭାଗ ଦ୍ୱାରା ଗୋପବନ୍ଧୁ ଅଡିଟୋରିୟମ ଠାରେ ଜ୍ଞାନ ମଞ୍ଚ କୁଇଜ୍ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଜାନୁଆରୀ ୨୦ ତାରିଖରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱିମାସିକ ଜ୍ଞାନ -ଆଦାନ ପ୍ରଦାନ ପଦକ୍ଷେପ 'ଆରଏସପି ଜ୍ଞାନ ମଞ୍ଚ' ର ଏକ ଅଂଶ ଭାବରେ ଆୟୋଜିତ ହୋଇଥିଲା। ଶିକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ବୈଷୟିକ, ପରିଚାଳନାଗତ ଏବଂ ବିଶ୍ୱସ୍ତରୀୟ କ୍ଷେତ୍ରଗୁଡ଼ିକ ଉପରେ ସଚେତନତା ବୃଦ୍ଧି କରିବା ସହ କାରଖାନାର କର୍ମଚାରୀମାନଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ, ପ୍ରତିଯୋଗିତାମୂଳକ ମନୋଭାବ, ଆନ୍ତଃ-ବିଭାଗୀୟ ସମ୍ପର୍କ ଏବଂ କ୍ରସ୍-ଫଙ୍କସନ ଜ୍ଞାନର ଆଦାନ ପ୍ରଦାନ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା।

ଏହି ଅନଲାଇନ୍ କୁଇଜ୍ ପ୍ରତିଯୋଗୀତାରେ ଦୁଇଜଣ ସଦସ୍ୟ ବିଶିଷ୍ଟ ମୋଟ ୫୧ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋକାରୋ ଇସ୍ପାତ କାରଖାନାର ସିନିୟର ମ୍ୟାନେଜର ଶ୍ରୀ ଶୁଭାନ ବର୍ମା କୁଇଜ୍ ମାଷ୍ଟର ଭାବରେ କାର୍ଯ୍ୟ ସମ୍ପାଦନ କରିବା ସହ ପରିଚାଳନା କରିଥିଲେ। ଏଥିରେ ୫୦ଟି ପ୍ରଶ୍ନ ସମ୍ବଳିତ ଏହି ପ୍ରତିଯୋଗୀତାଟିରେ ମୋଟ ଦୁଇଟି ରାଉଣ୍ଡରେ ବିଭକ୍ତ ହୋଇଥିଲା। ଏକ ଆକର୍ଷଣୀୟ ଏବଂ ବୌଦ୍ଧିକ ଉତ୍ସାହଜନକ ପ୍ରତିଯୋଗିତା ପରେ, କୋକ୍ ଓଭେନ୍ସ ବିଭାଗର ଏଜିଏମ୍ ଶ୍ରୀ ସମ୍ପଦ ମିଶ୍ର ଏବଂ ଏସ୍ଏମ୍ଏସ୍-୧ ବିଭାଗର ଏଜିଏମ୍ ଶ୍ରୀ ଏସ୍ ଶ୍ରୀନାଥ ଏହି କୁଇଜ୍ ପ୍ରତିଯୋଗୀତାରେ ବିଜେତା ହୋଇଥିଲେ। ଏହି ଜ୍ଞାନ ମଞ୍ଚ କୁଇଜର ତୃତୀୟ ସଂସ୍କରଣ 'ବ୍ୟବସାୟିକ କୁଇଜ୍' ଥିଲା । ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ(ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଡିଜିଏମ୍ ଶ୍ରୀ କେ କେ ଜୟସୱାଲ ସଂଯୋଜନା କରିଥିଲେ।

କାର୍ଯ୍ୟକ୍ରମରେ ସ୍ୱୀକୃତି ପ୍ରଦାନ ସ୍ୱରୂପ, ବିଜେତା ଦଳକୁ ୩୦୦୦/- ଟଙ୍କା (ପ୍ରତି ସଦସ୍ୟ ୧୫୦୦/- ଟଙ୍କା) ସହିତ ପ୍ରତ୍ୟେକଙ୍କୁ ୨୫୦/- ଟଙ୍କା ମୂଲ୍ୟର ପୁସ୍ତକ ମିଳିବ। ସେହିପରି ଉପବିଜେତା ଦଳକୁ ୨୫୦/- ଟଙ୍କା ମୂଲ୍ୟର ପୁସ୍ତକ ସହିତ ୨୦୦୦/- ଟଙ୍କା (ପ୍ରତି ସଦସ୍ୟ ୧୦୦୦/- ଟଙ୍କା) ମିଳିବ। ସୂଚନାଯୋଗ୍ୟ ଯେ, ଏହି ପୁରସ୍କାର ରାଶି ସିଧାସଳଖ ବିଜେତାଙ୍କ ଦରମା ଆକାଉଣ୍ଟରେ ଜମା କରାଯିବ।

ଉଲ୍ଲେଖନୀୟ ଯେ, 'ଆରଏସପି ଜ୍ଞାନ ମଞ୍ଚ' ହେଉଛି ମାନବ ସମ୍ବଳ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଦ୍ୱାରା ପରିଚାଳିତ ଏକ ସଂରଚିତ ଦ୍ୱିମାସିକ କୁଇଜ୍ କାର୍ଯ୍ୟକ୍ରମ ଯାହା ଆରଏସପି ଏବଂ ସେଲ୍ ର ଅନ୍ୟାନ୍ୟ ୟୁନିଟ୍ର ପ୍ୟାନେଲଭୁକ୍ତ କୁଇଜ୍ ମାଷ୍ଟରମାନଙ୍କ ସହାୟତାରେ ପରିଚାଳିତ ହୋଇଥାଏ । ଏହା ଏସ-୧ ଗ୍ରେଡ ରୁ ଇ-୭ ପର୍ଯ୍ୟନ୍ତ ସମସ୍ତ ନିୟମିତ କର୍ମଚାରୀଙ୍କ ପାଇଁ ମୁକ୍ତ ଥିବାବେଳେ ଦୁଇ ଜଣ ସଦସ୍ୟ ବିଶିଷ୍ଟ ଦଳ କାର୍ଯ୍ୟକ୍ରମସ୍ଥଳରେ ହିଁ ପଞ୍ଜିକରଣ କରିପାରିବେ। ପରବର୍ତ୍ତୀ ସଂସ୍କରଣରେ ଦଳଗୁଡ଼ିକୁ ଅଂଶୀଦାର ପରିବର୍ତ୍ତନ କରିବାର ସ୍ୱାଧୀନତା ମଧ୍ୟ ରହିଛି , ଯଦିଓ ବିଜେତା ମିଶ୍ରଣଗୁଡ଼ିକୁ ଏକ ଆର୍ଥିକ ବର୍ଷ ମଧ୍ୟରେ କେବଳ ଦୁଇଥର ପୁନରାବୃତ୍ତି କରିବାକୁ ଅନୁମତି ଦିଆଯାଇଛି। କୁଇଜ୍ରେ ସଂକ୍ଷିପ୍ତ ତାଲିକା ଫାଇନାଲିଷ୍ଟଙ୍କ ପାଇଁ ଏକ ଅନଲାଇନ୍ ପ୍ରାରମ୍ଭିକ ରାଉଣ୍ଡ, ତା'ପରେ ଏକ ପାୱାର ପଏଣ୍ଟ - ଆଧାରିତ, ଅଡିଓ-ଭିଜୁଆଲ୍ ଏବଂ ଇଣ୍ଟରାକ୍ଟିଭ୍ ଫାଇନାଲ୍ ରାଉଣ୍ଡ ଅନ୍ତର୍ଭୁକ୍ତ।

# ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ ଓ ସରକାରଙ୍କ ଘୋଷଣାର କାର୍ଯ୍ୟକାରିତା ପାଇଁ ଦାବି

ବାଲେଶ୍ୱର, ୩୧/୧ (ନି.ପ୍ର): ବରିଷ୍ଠ ନାଗରିକ ମଞ୍ଚର ନୂଆବର୍ଷର ବନ୍ଧୁମିଳନ ଓ ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଂପାଦକ ଦାମୋଦର ନାୟକ ଉପସ୍ଥିତ ସଦସ୍ୟ, ସଦସ୍ୟାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଗତ ବର୍ଷକ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ବିଶଦ ବିବରଣୀ ଉପସ୍ଥାପିତ କରିଥିଲେ। ସରକାରଙ୍କ ପକ୍ଷରୁ ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖି ପ୍ରକଳ୍ପ ପାଇଁ ରେମୁଣା ତହସିଲ ଅଧିନ ଦହପଡ଼ା ମୌଜାରେ ୨୦ ଏକର ପରିମିତ ଜମି ଚିହ୍ନଟ କରାଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ପ୍ରକଳ୍ପର କାର୍ଯ୍ୟ ଆଗେଇ ପାରିନାହିଁ। ବରିଷ୍ଠ ନାଗରିକମାନଙ୍କୁ ପୋଲିସ୍ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାମାନଙ୍କ ଜରିଆରେ ପରିଚୟପତ୍ର ପ୍ରଦାନ ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତକାରରେ ଓ ଲିଖିତଭାବେ ଜଣାଇଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ସବ୍ଡିଭିଜନ୍ ସ୍ତରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଚାରାଳୟ ନିୟମିତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିର୍ବାଚନ ବେଳେ ବର୍ତ୍ତମାନର ସରକାରୀ ଦଳ ମାସିକ ବାର୍ଦ୍ଧକ୍ୟଭତ୍ତା ୩ ହଜାର ପ୍ରଦାନ କଲେନାହିଁ। ୮୦ବର୍ଷ ପରେ ସମସ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟଭତ୍ତା ୩ ହଜାର ୫ଶହ ଟଙ୍କା ଦିଆଯାଉନାହିଁ ବୋଲି ଶ୍ରୀ ନାୟକ ଅଭିଯୋଗ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଉପଦେଷ୍ଟା କମଳାକାନ୍ତ ବେହେରା ଓ ଗିରିଶ ଚନ୍ଦ୍ର ଦାଶଙ୍କ ସମେତ ସୀତାରାମ ପ୍ରଧାନ, ଦେବେନ୍ଦ୍ର ଚୌଧୁରୀ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ସୁଶାନ୍ତ ବେହେରା, ବେଣୁଧର ସାହୁ, ଜୟଚନ୍ଦ୍ର ଶତପଥୀ, ପଦ୍ମଲୋଚନ ଦତ୍ତ, ରାଧାକୃଷ୍ଣ ଆଚାର୍ଯ୍ୟ, ଅନସୂୟା ନାୟକ, ଲକ୍ଷ୍ମୀନାରାୟଣ ଘୋଷ, ସୁଦର୍ଶନ ଦାସ, ରମାକାନ୍ତ ମହାନ୍ତି ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବରିଷ୍ଠ ବ୍ୟକ୍ତିମାନେ ସ୍ୱାସ୍ଥ୍ୟସେବା, ଯାତାୟତ ଓ ସାମାଜିକ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟା ଉପରେ ବୈଠକର ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକମାନେ ବିଭିନ୍ନ କାମପାଇଁ ଆସୁଥିବା ଜିଲ୍ଲା ମୁଖ୍ୟଦପ୍ତରରେ ଏକ ବିଶ୍ରାମ ଗୃହ ଯୋଗାଇ ଦେବାକୁ ବୈଠକରେ ଦାବି କରାଯାଇଛି। ଏହି ସମସ୍ତ ସମସ୍ୟା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆସନ୍ତା ମାର୍ଚ୍ଚ ମାସରେ ଗଣତାନ୍ତ୍ରିକ ଧାରାରେ ଆନ୍ଦୋଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ୟାମସୁନ୍ଦର ଜେନା ନିଜର ବକ୍ତବ୍ୟ ପ୍ରଦାନ ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗୋପାଳ ଗାଁରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ବାଲେଶ୍ୱର, ୩୧/୧ (ନି.ପ୍ର): ବାଲେଶ୍ୱର ଟାଉନ ସ୍ଥିତ ଗୋପାଳ ଗାଁ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି । ସକାଳୁ କଳସ ଶୋଭାଯାତ୍ରା ରେ ବାଲିଘାଟ ରୁ ପାଣି ଆଣିଥିଲେ ବହୁ ସଂଖ୍ୟା ରେ ମହିଳା ଭକ୍ତ ମାନେ । ମନ୍ଦିର ପୂଜକ ଶ୍ରୀ ଜଗନ ମୟ ମିଶ୍ର ଙ୍କ ସହ ଆନ୍ୟନ୍ୟ ପଣ୍ଡିତ ମାନେ ଦିବସ ବ୍ୟାପି ଜଗନ୍ନାଥ ଙ୍କୁ ବୈଦିକ ମନ୍ତ୍ର ରେ ପ୍ରତିଷ୍ଠା କରାଇଥିଲେ । ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ର ବିଶିଷ୍ଟ ପ୍ରବଚକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଦେଇଥିଲେ । ପ୍ରବଚନ ଶେଷରେ ବହୁ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଏହି ଧାର୍ମିକ କାର୍ଯ୍ୟକ୍ରମ କୁ ମନ୍ଦିର ପରିଚାଳନା କମିଟି ର ସଦସ୍ୟା ଶ୍ରୀମତୀ ପ୍ରତିମା ପଣ୍ଡା, କମିଟି ସମ୍ପାଦକ ଶ୍ରୀ ଅନୁପ ସ୍ୱାଇଁ ଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଗଣ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୧ ଫେବୃଆରୀ ୨୦୨୬
email : rabibarachayan2015@gmail.com

# ରବିବାର ଚୟନ



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୨୫ ରାଜକୁମାର ରାହୁଳ


ଯେଉଁଦିନ ରାଜକୁମାର ରାଜପ୍ରାସାଦ ଛାଡ଼ିଥିଲେ, ସେହିଦିନ ରାହୁଲ ଜନ୍ମ ହୋଇଥିଲେ ଏବଂ ବର୍ତ୍ତମାନ ତାଙ୍କୁ ସାତବର୍ଷ ହୋଇଥିଲା। ମାଆ ଓ ଜେଜେବାପାଙ୍କ ଦ୍ୱାରା ସେ ଲାଳିତପାଳିତ ହେଉଥିଲେ। ତାଙ୍କ ଘରକୁ ଫେରିବାର ସପ୍ତମ ଦିନ ପରେ ରାଜକୁମାରୀ ଯଶୋଧାରା ଯୁବରାଜ ରାହୁଲକୁ ଆଗ୍ରହରେ ସୁସଜ୍ଜିତ କରିଥିଲେ। ବୁଦ୍ଧ ଭୋଜନ କରୁଥିବା ସମୟରେ ସେ ରାହୁଲକୁ ଇଂଗିତ କରି କହିଲେ, "ପ୍ରିୟ, ତୁମେ କ'ଣ କହିପାରିବ ସେ କିଏ ?"

"ମା', ସେ ବୁଦ୍ଧ" - ରାହୁଲ କହିଲେ।

ମାଆଙ୍କ ଆଖି ଲୁହରେ ଭରିଗଲା। ସେ କହିଲେ, "ପ୍ରିୟ, ବ୍ରହ୍ମାଙ୍କ ପରି ଦେଖାଯାଉଥିବା କୋଡ଼ିଏ ହଜାର ତପସ୍ୱୀଙ୍କ ଦ୍ୱାରା ପରିବେଷ୍ଟିତ ସେହି ସୁବର୍ଣ୍ଣ ରଂଗର ତପସ୍ୱୀ ତୁମର ପିତା ଥିଲେ ଏବଂ ତାଙ୍କ ପାଖରେ ପ୍ରଚୁର ସମ୍ପତ୍ତି ଥିଲା। ସେ ଘର ଛାଡ଼ିବା ପରଠାରୁ ଆମେ ଜାଣିନାହୁଁ ସେହି ସମ୍ପତ୍ତିର କ'ଣ ହୋଇଛି। ତାଙ୍କ ପାଖକୁ ଯାଇ ତୁମର ଉପହାର ମାଗ ଏବଂ କୁହ, "ବାପା, ମୁଁ ରାଜକୁମାର। ଯେତେବେଳେ ମୁଁ ରାଜା ହେବି, ମୁଁ ରାଜାଧିରାଜ ହେବି। ମୁଁ ସମ୍ପତ୍ତି ଚାହୁଁଛି, କାରଣ ପୁତ୍ର ହେଉଛି ପିତାଙ୍କର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ।"

ଅବୋଧ ରାହୁଲ ବୁଦ୍ଧଙ୍କ ନିକଟକୁ ଆସିଲେ। ତାଙ୍କର ଗୋଟିଏ ଆଙ୍ଗୁଠି ଧରି ତାଙ୍କ ମୁହଁକୁ ଚାହିଁଲେ ଏବଂ ମାଆ ତାଙ୍କୁ ଯାହା କହିବାକୁ କହିଥିଲେ ତାହା ସବୁ ପ୍ରକାଶ କରି କହିଲେ, "ପିତା, ଆପଣଙ୍କ ଛାଇ ମଧ୍ୟ ମୋତେ ଭଲ ଲାଗୁଛି।"

ଭୋଜନ ସାରିବା ବୁଦ୍ଧ ପ୍ରାସାଦ ତ୍ୟାଗକଲେ ଏବଂ ରାହୁଲ ତାଙ୍କୁ ଅନୁସରଣ କଲେ, କହିଲେ, "ମୋ ଉତ୍ତରାଧିକାର ମୋତେ ପ୍ରଦାନ କର, ମୁଁ ରାଜା ହେବାକୁ ଯାଉଛି; ମୁଁ ସମ୍ପତ୍ତି ଚାହେଁ, ସେସବୁ ତୁମ ପାଖରେ ପ୍ରଚୁର ଅଛି। ଦୟାକରି ବାପା ମୋତେ ମୋ ଉତ୍ତରାଧିକାର ପ୍ରଦାନ କର।" କେହି ତାଙ୍କୁ ଅଟକାଇବାକୁ ଚେଷ୍ଟା କଲେ ନାହିଁ। ଏପରିକି ବୁଦ୍ଧ ମଧ୍ୟ ତାଙ୍କ ଆଗମନରେ ବାଧା ଦେଲେ ନାହିଁ। ଉଦ୍ୟାନକୁ ଆସି ବୁଦ୍ଧ ଭାବିଲେ, "ସେ ନିଜର



ପିତାଙ୍କ ସମ୍ପତ୍ତି ଚାହୁଁଛି; କିନ୍ତୁ ଏହା ତ ସଂସାର ସହିତ ଚାଲିଥାଏ ଏବଂ ବିପଦରେ ପରିପୂର୍ଣ୍ଣ। ମୁଁ ତାକୁ ବୋଧିବୃକ୍ଷ ତଳେ ପ୍ରାପ୍ତ ହୋଇଥିବା ସପ୍ତଗୁଣଯୁକ୍ତ ମହାନ ସମ୍ପତ୍ତି ଦେବି ଏବଂ ତାକୁ ଏକ ଉତ୍କୃଷ୍ଟ ଉତ୍ତରାଧିକାରର ପ୍ରଭୁ କରାଇବି।"

ଯେତେବେଳେ ସେମାନେ ମନ୍ଦିରକୁ ଆସିଲେ, ରାହୁଲଙ୍କୁ ଭିକ୍ଷୁରେ ପରିଣତ କରିବା ପାଇଁ ବୁଦ୍ଧ ତାଙ୍କର ସାରୀପୁତ୍ତ ନାମକ ଜଣେ ଶିଷ୍ୟଙ୍କୁ କହିଲେ।

ରାଜା ଶୁଦ୍ଧୋଦନ ତାଙ୍କ ପ୍ରିୟ ପୌତ୍ର ସନ୍ନ୍ୟାସୀ ହେବା ଶୁଣି ଗଭୀର ବ୍ୟଥିତ ହେଲେ। ସେ ବୁଦ୍ଧଙ୍କ ପାଖକୁ ଗଲେ ଏବଂ ତାଙ୍କୁ ସମ୍ମାନର ସହିତ କହିଲେ ଯେ ପିତାମାତାଙ୍କ ଅନୁମତି ବିନା ସେ କାହାକୁ ସନ୍ନ୍ୟାସୀରେ ପରିଣତ ନକରାନ୍ତୁ। ସେ କହିଲେ, "ଯେତେବେଳେ ତୁମେ ଘରୁ ଚାଲିଗଲ, ତାହା ମୋତେ ବହୁତ ଦୁଃଖ ଓ ଯନ୍ତ୍ରଣା ଦେଇଥିଲା। ଯେତେବେଳେ ନନ୍ଦ ଗୃହତ୍ୟାଗ କଲା, ମୋର ହୃଦୟ ଯନ୍ତ୍ରଣାପୂର୍ଣ୍ଣ ହୋଇଗଲା ଏବଂ ମୁଁ ଖୁବ୍ ଦୁଃଖୀ ଓ ଅସୁଖୀ ହୋଇଗଲି। ତତ୍ପରେ ମୁଁ ମୋର ନାତି ରାହୁଲ ଉପରେ ମୋର ପ୍ରେମକୁ କେନ୍ଦ୍ରୀଭୂତ କରିବାକୁ ଲାଗିଲି ଏବଂ ଅନ୍ୟମାନଙ୍କ ଅପେକ୍ଷା ତାକୁ ଅଧିକ ଭଲ ପାଉଥିଲି। ବର୍ତ୍ତମାନ ତୁମେ ତାକୁ ଏଠାକୁ ଆଣିଛ ଏବଂ ତାକୁ ଭିକ୍ଷୁରେ ପରିଣତ କରିଛ। ମୁଁ ଏଥିପାଇଁ ଖୁବ୍ ଦୁଃଖିତ ଓ ସର୍ବାଧିକ ଅପ୍ରସନ୍ନ। ଦୟାକରି ଆଗକୁ ପିତାମାତାଙ୍କ ଅନୁମତି ବିନା କାହାକୁ ଭିକ୍ଷୁରେ ପରିଣତ ନକରନ୍ତୁ।"

ବୁଦ୍ଧ ଏଥିରେ ସମ୍ମତି ପ୍ରକାଶ କଲେ ଏବଂ ଏହାପରେ ପିତାମାତାଙ୍କ ଅନୁମତି ବିନା ଆଉ କାହାକୁ ଭିକ୍ଷୁ କରିନଥିଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମନଗହନର କଥା...



ମଣିଷର ହଜି ଯାଉଥିବା ବ୍ୟସ୍ତତାର ଅନ୍ୟନାମ କବିତା। କବିଟିଏ ସୃଜନଶୀଳତା ସହ ଏକାକାର ହୋଇଉଠେ। ଅମୃତର ସଂତାନ କବିତା। ସେ ପୁଣି ମୃତ୍ୟୁର ସେତୁବନ୍ଧ। ଯିଏ ସ୍ରଷ୍ଟା ସେ ଆଦିକବି। ସାରା ବିଶ୍ୱକୁ କୁହାଯାଏ 'ପଶ୍ୟ କାବ୍ୟ ଦେବସ୍ୟ' ଈଶ୍ୱର ସର୍ବଶ୍ରେଷ୍ଠ କବି କିନ୍ତୁ ଜଗତ ତାଙ୍କର ସଙ୍ଗୀତ। କବି ମାରିଆ ରିଲକେଙ୍କ କଥା ମନେପଡେ-" ସଙ୍ଗୀତ ରହିଛି କିନ୍ତୁ ଗାଇବାକୁ ହେଲେ ଅନ୍ୟ ଏକ ନିଃଶ୍ୱାସର ଅପେକ୍ଷା କରିବାକୁ ହେବ। ଏହାକୁ କୁହାଯାଏ ଜୀବନ ସଂଳାପ। ଯିଏ କବି ସେ ଦ୍ୱିଜତ୍ୱର ଅଧିକାରୀ। ଅଣସତ୍ତା ସତ୍ତାରେ ରୂପାନ୍ତରିତ ହେଲାବେଳେ ଆଲୋକ ଆପେ ଆପେ ପ୍ରସାରିତ ହୋଇଯାଏ ଇହ କାଳରେ ଅମୃତତ୍ୱର ସୂଚନା ମିଳେ।କବି ଆଡେନ କହନ୍ତି-କବିଙ୍କୁ ଅନୁସରଣ କର ସତକୁ ଅନୁସରଣ କର ରାତ୍ରୀର ଶେଷ ପ୍ରହର ଯାଏ। ଏଠାରେ କବିର ମନ ଗହ୍ୱରରେ ଶବ୍ଦର ଏକ ତରଙ୍ଗ ଖେଳି ଯାଏ ତାହା କବିତା ରୂପରେ ସଂବେଦନଶୀଳ ଭାବନା ପ୍ରକାଶ କରେ।

କବି କ୍ରାନ୍ତିପୁରୁଷ। କବିତା ସୌନ୍ଦର୍ଯ୍ୟର ସୃଜନ। କବିତା ଆବେଗରୁ ମୁକ୍ତି ପାଇବା ପାଇଁ ଏକ ପ୍ରୟାସ। ଏହା ବ୍ୟକ୍ତିର ଆତ୍ମାଭିବ୍ୟକ୍ତି ନୁହେଁ କିନ୍ତୁ ସାମୁହିକ ଚେତନାର ଅଭିବ୍ୟକ୍ତି। ସେଥିପାଇଁ ବିଭୂଦତ୍ତ ମିଶ୍ର କହିଲେ- "କାର୍ତ୍ତିକର ଶେଷ ଜହ୍ନ ଶୀତ ଆଉ ପାଉଁଶ କୁହୁଡି ମହାନଦୀ ନଈପଠା, କାଶତଣ୍ଡୀ କଂଚା ନେଳି ପାଣି ଚୁପ୍ ଚୁପ୍ କେତେ କଥା........।" ଶବ୍ଦର ଚାତୁର୍ଯ୍ୟରେ କବିତା କୈବଲ୍ୟ ପ୍ରାପ୍ତିହୁଏ। ବୁନ୍ଦାଏ ଜଳକୁ ସେ ମହା ସମୁଦ୍ରରେ ପରିଣତ କରେ। ଚାଖଣ୍ଡେ ଭୂମିରେ ଭୂମାର ଭାବ ସ୍ପନ୍ଦନ କରିପାରେ। କବିର ଗର୍ଭ ବେଦନାରୁ କବିତା ଜନ୍ମ ନିଏ। ନିଥର ଶବ୍ଦର ଚାତୁର୍ଯ୍ୟତା କବିଙ୍କୁ ସ୍ୱର୍ଗ ସୁଖ ସିଏ। କେତେବେଳେ ସୃଷ୍ଟିର ବୀଜ ଘେନି କବିଟିଏ ଅନ୍ତସତ୍ତ୍ୱା ହୋଇଯାଏ। ସୃଷ୍ଟି ମନସ୍କ ହେବା ମୂଳରେ ପ୍ରଜନତ୍ରୀ ପ୍ରକୃତି ଗୁଣ ପ୍ରଚ୍ଛନ୍ନରେ ଥାଏ ତେଣୁ କୁହାଯାଏ ପ୍ରାଣସ୍ପର୍ଶୀ ଶବ୍ଦ ତରଙ୍ଗର ଅନ୍ୟନାମ କବିତା, ସେ ଭାବର ସଂବେଦନଶୀଳ ଓ ଶୃଙ୍ଗାରର ଅନୁଭବ ଏବଂ ଜୀବନର ଅନୁକରଣ ଓ ଅନୁସରଣର ଭୂମିକା ନିଏ। ଆଲଙ୍କାରିକ କବି ଶୃଙ୍ଗାରୀ, ଯୌବନ, ସୌନ୍ଦର୍ଯ୍ୟର ଗାଥା ଗାନ କରି ଲେଖନୀକୁ ଚଳ ଚଂଚଳ କରେ।

**- ବିଭୂତି ଭୂଷଣ ସେନାପତି**

♥ କୋହ୍ଲ, ତିହିଡ଼ି, ଭଦ୍ରକ
ମୋ. ୯୪୩୭୫୬୭୪୪୬୨

## ପାଉଁଜିର ପାଣ୍ଡୁଲିପି-୫

### ସେଇ ପାଉଁଜି ସେଇ ସ୍ୱର



**ବିପିନ ମହାନ୍ତି**

ତୁମରି ପାଦର ପାହୁଡ ତ ଇଏ ଅବିକଳ ସେଇ ସ୍ୱର
ଯେଉଁ ସ୍ୱର ପାଇଁ ପାଗଳ ପ୍ରେମୀ ମୁଁ ବାଟହୁଡେ ବାରବାର
କେବେ ଦିନେ କେଉଁ ବହଳ ଅନ୍ଧାରେ ରାତିର ଛାତିକୁ ଚିରି
ପହଞ୍ଚିଥିଲି ମୁଁ ତୁମ ପ୍ରେମ ପାଶେ ଶବଦକୁ ବାରିବାରି ।

ରଙ୍ଗିନ ସେ ରାତି ରଙ୍ଗିଲା ସେ ମନ ରଂଗଶାଳା ଥିଲା ପୂରି
ଭାରିପାଦେ ତୁମେ ଭରା ପିଆଲାକୁ ଆସିଥିଲ ହାତେ ଧରି
ତୁମ ପାଉଁଜିରେ ଆଖି ଲାଖିଗଲା ପିଆଲା ପଡିଲା ଖସି
ରୁଣୁଝୁଣୁ ତୁମ ପାଦ ନୂପୁରରେ ସରାବି ହେଲି ମୁଁ ବେଶି ।

ସରାବରେ ନିଶା ନାହିଁ ଲୋ ସଜନୀ ପିଆଲା ବି ନାହିଁ ଲୋଡା
ନଗ୍ନ ପାଦେ ତୁମ ମଗ୍ନ ମୁଁ ସରାବି ପାଶେ ହୁଅ ଆସି ଛିଡା
ନିଶା ଚରିଯିବ ତାଳୁରୁ ତଳିପା ବେହିସାବି ହେବ ରାତି
ପାଦରୁ ତୁମର ପାହୁଡ ବୋଲି ମୁଁ ଲିଭାଇବି ସଂଜବତି ।

ମୁଁ ତ ସରାବି ପାଦ ଓ ପିଆଲା ଫରକ ପାରେନା ବାରି
ଲାଜଲାଜ ତୁମ ଲାଲିମା ଅଧରେ ଅନୁରାଗ ଦିଏ ଭରି ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କବିତା.....

### ॥ ଘରଣୀ ॥

**ପୂର୍ଣ୍ଣଚନ୍ଦ୍ର ମହାରଣା**



ଜହ୍ନ ଓହ୍ଲେଇଲେ
ତୁମେ ଉତାରି ପକାଅ
ବାସି ପିନ୍ଧା ଶାଢ଼ୀ
ଲୁଚେଇ ଲୁଚେଇ ଗାଧାଅ
ଖାଁ ଖାଁ ନଈ ତୁଠେ
କାଳେ କିଏ ଦେଖି ଦବ ବୋଲି !!

ପିନ୍ଧ ନାଲିରଙ୍ଗ ପାଟ ଲୁଗା
ସଜହୁଅ ବେଶ ଘରେ
ସିନ୍ଥିରେ ଲଗାଅ ସିନ୍ଦୂର
ଆଖିରେ କଜଳ
ମୁହଁରେ ମାଖ ସ୍ନୋ ପାଉଡର !!

ଠାକୁର ଘରେ ଜାଳ ଘିଅଦୀପ
ଫୁଲ ଚନ୍ଦନ ଦେଇ
ପୂଜୁଥାଅ ପ୍ରଭୁ ଜଗନ୍ନାଥ !!

ପିଲାଙ୍କୁ ଖୁଆଇ ପିଆଇ
ପଠାଅ ଚାହାଳି
ବୋଉ ପାଇଁ କର ନାଲି ଚାହା
ଚୁଡ଼ା ଭଜା
ବାପାଙ୍କୁ ଯୋଗେଇ ଦିଅ
ତିଳକ କୋଥଳି !!

ରୋଷେଇ ଘରେ ବସାଅ
ଉସୁନା ଭାତ, ମୁଗ ଡାଲି
ପରିବା କାଟି କର ଭଜା ତରକାରି
ବୋଉ ଯାହା କରଇ ବରାଦ
ସବୁ ଦିନ ରାନ୍ଧ !!

ଖିଆ ପିଆ ସରିଗଲେ
ମାଜ କଂସା ଥାଳି
ଡାଟିଆ, ଥାଳିଆ
ଡଙ୍କି, କରଛୁଲି !!

ଏମିତି ଏମିତି ବୁଡ଼େ ସଞ୍ଜ
ରାତି ହୁଏ
ଚୁଲିମୁଣ୍ଡେ ତମର କାମ
ଲାଗିଥାଏ !!

ରାତି କାମ ସାରି ଆସ
ଶୋଇଲା ଘରକୁ
ପାଟିରେ ପୁରେଇ ଖଣ୍ଡେ
ସାଧାପାନ
ମତେ ଡାକ
ହେଇ !
ଶୋଇ ପଡିଲ ନା କ'ଣ !!

ସେତେବେଳକୁ
ଭାତ ନିଦରେ ମୁଁ ଆସକତ
କାଳେ ନିଦ ମାଡୁଆ
ଖଟ ଚାଖୁଥାଏ ଶେଜ ଚାଖୁଥାଏ
କିଟିମିଟି ଅନ୍ଧାର ରାତିର ସୁଆଦ !!

♥ ବାଲକାଟୀ, ଖୋର୍ଦ୍ଧା -୭୫୨୧୦୦
ମୋ-୯୯୩୭୭୭୭୬୫୨

### ॥ ଜୀବନ ॥

**ସୁଧୀର ମେହେର**



ସଭିଁଏ ଜାଣନ୍ତି-
ପଦ୍ମଁଅ ପତରର ଢଳ ଢଳ ପାଣି ବୁନ୍ଦା ପରି
ଏ ଜୀବନ,
ଏଇ ଅଛି....
ଏଇ ନାହିଁ......||

ଜାଣନ୍ତି ବି-
ଦୁଇ ଦିନର ଅତିଥି ଆମେ,
ଦିନେ ଆମକୁ ଚାଲି ଯିବାକୁ ହେବ
ସବୁକିଛି ପଛରେ ପକାଇ,
ସାଙ୍ଗରେ
ନା ଯିବ ଘରଦ୍ୱାର, ସକଳ ଐଶ୍ୱର୍ଯ୍ୟ,
ନା ଯିବେ ସଖା, ସହୋଦର, ଭାଇ ।


ଆଶ୍ଚର୍ଯ୍ୟ ଲାଗେ,
ସବୁ ଜାଣି ଜାଣି ବି ଏ ମଣିଷ
କେମିତି ଏତେ ସ୍ୱାର୍ଥପର ସାଜିପାରେ !
ଚାଖଣ୍ଡେ ଭୂଇଁ ପାଇଁ
ମାଁ ପେଟର ଭାଇ ଛାତିରେ ଛୁରା ଭୂଷେ,
କେଉଁ ଐଶ୍ୱର୍ଯ୍ୟ ଭୋଗ ପାଇଁ
ନିଜ ପେଟର ଝିଅକୁ ଛାଡ଼ି ପର ପୁରୁଷ ସାଥିରେ
ଫେରାର ମାରେ...
ପୁଅଟିଏ
ବୃଦ୍ଧ ପିତାମାତାଙ୍କୁ ତାଙ୍କର ଅସମୟରେ
ବୃଦ୍ଧାଶ୍ରମକୁ ପଠେଇ ଦିଏ...
ଦେଶ ଦେଶ ଭିତରେ ଯୁଦ୍ଧ ହୁଏ...
ମଣିଷ, ମଣିଷର ଶତ୍ରୁ ସାଜେ ।

ଏମାନେ କ'ଣ ଭୁଲି ଯାଇଥା'ନ୍ତି କି !
ଦିନେ ଆମକୁ ଫେରି ଯିବାକୁ ହେବ
ଖାଲି ହାତରେ...
କିଛି ବି
ଚିରସ୍ଥାୟୀ ନୁହେଁ ଏଇ ଦୁନିଆରେ ।

♥ ଚିଟୈଗୁଡା, ଜୁନାଗଡ,
କଳାହାଣ୍ଡି, ପିନ୍ -୭୬୬୦୧୪
(ମୋ) -୯୫୮୩୫୮୮୮୮୭

### ॥ ନିରବତାର ଅନ୍ତଃସ୍ୱର ॥

**ମମତା ପ୍ରିୟଦର୍ଶିନୀ ସାହୁ**



ବେଳେବେଳେ ଆପଣାର ଲାଗେ
ନିର୍ଜନତାର ସବାଶେଷ ମୂହୁର୍ତ୍ତ,
ଦେହ ମନର ଅନ୍ତର୍ଯୁଦ୍ଧ କାଳରେ
ଗଭୀର ଅନ୍ଧାର ବି ହୁଏ ନିଜର
ମିଛ ଆଲୁଅକୁ ପଛରେ ପକେଇ ।

କେବେକେବେ ହୃଦୟ ଗମ୍ଭୀରାରେ
ଉଚ୍ଚାରଣ ହୁଏ ଜୀବନାୟନର ମନ୍ତ୍ର ,
ନିଃଶବ୍ଦର ଶୂନ୍ୟସ୍ଥାନ ଖୋଜିବାକୁ
ଆଉ ମହାର୍ଘ ମୋକ୍ଷର
ଆଶୀର୍ବାଦ ପାଇବାକୁ ।

ଲକ୍ଷ୍ୟ ସିଦ୍ଧି ପାଇଁ ଚେଷ୍ଟିତ ହୁଏ
ଜୀବନର ବିପର୍ଯ୍ୟସ୍ତ କୋହ,
ନିରବତା ଖୋଜେ ଶବ୍ଦ ବ୍ରହ୍ମ
ରୂପ ଭିତରେ ଅରୂପର ସନ୍ଧାନ ।

ଛଳନାର ଗର୍ଭଗୃହ ଭାଙ୍ଗି
ସୂର୍ଯ୍ୟୋଦୟ ହୁଏ ଚେତନାର,
ନିଃଶବ୍ଦ ସଙ୍ଗୀତର ମୂର୍ଚ୍ଛନା ଶୁଣି
ମୋହିତ ବାସ୍ନାରେ ଚଉଦିଗ ମହକାଇ ଦେବାକୁ ।

ଥରେ ଥରେ ଏମିତି
ବାସ୍ନାୟିତ ହେବା ବି
ଏକରକମ ଖୁବ୍ ବଡ କଥା ,
ସତେ ଯେମିତି
ଆୟୁଷର ଇଲାକାରେ
ନିଜର ନକ୍ସା ଖୋଜିବା ଭଳି ।

♥ ସୁନ୍ଦରଗଡ
(ମୋ) ୯୩୩୭୦୬୭୧୮୬



### ॥ କ୍ରସ ବୋର୍ଡ ॥

**ଜିନାତମାମ୍ ଦର୍ଜୀ**

ପ୍ରତ୍ୟେକ ଟି ସକାଳ
ଏକ ସଫେଦ ଫର୍ଦ ହୋଇ
ବିଛେଇ ହୋଇପଡେ ସାମ୍ନାରେ
କୋଣରେ କିଛି ଟା ଅନ୍ଧାର
ଭବିଷ୍ୟତ ଭଳି ଛିଡା ହୋଇଥାନ୍ତି
ନିରବ ଗଳାରେ...


ମୁଁ ଦେଖେ କେତୋଟି କୋଠରୀ ରେ ସ୍ୟାହି
ନିର୍ଦ୍ଧାରିତ ନିର୍ଣ୍ଣୟ ଭଳି,
କେତୋଟି କୋଠରୀ ରେ ଦୋହଲୁ ଥାଏ
ଶୂନ୍ୟ ଅପେକ୍ଷାର ତରବାରୀ

କେବେ ଅପେକ୍ଷା ଦୀର୍ଘତର
କେବେ ଛୋଟ ପ୍ରଶ୍ନଟିଏ ରେ
ଘୁରୁଥାଏ ସମୟ ଚକ୍ର
'ଉତ୍ତର'ଏଇଠି କେଉଁଠି ହିଁ ଥାଏ
ନଜର ବନ୍ଦୀରେ ଦୃଷ୍ଟି
ପାଇ ପାରେ ନାହିଁ କୌଣସି ଖବର !

କ୍ରସ ବୋର୍ଡ ର ଯେତେସବୁ
କୁହୁକିନୀ ଶବ୍ଦ
ସଂକେତ, ସ୍ମୃତି ଓ ସମ୍ବେଦନା ର -
ମୁଁ ନିତି ଭରେ ଗୋଟିଏ ଗୋଟିଏ ଶବ୍ଦ -
ସମ୍ମତି
ଅସମ୍ମତି
ସମ୍ପର୍କ
ଦୂରତା
ବିଶ୍ୱାସ
ବିଶ୍ୱାସଘାତକତା

ସଫେଦ ଫର୍ଦ ଧୀରେ ଧୀରେ ଭରୁ ଥାଏ
ମୁଁ ନିଜ ସହ ନିଜେ ଗୁପ୍ତ ବାଗ୍ ଯୁଦ୍ଧ ଲଢୁଥାଏ !
ମୁଁ ମୋ ଠାରୁ ହାରେ
ମୁଁ ମୋ ଠାରୁ ଜିତୁ ଥାଏ !

♥ ମୋ -୮୦୧୮୮୦୭୧୫୩




## କହି ହେଇନାହିଁ ଯାହା...



ସାଥେ ଥିଲ ବୋଲି ବାଟ ସରିଗଲା
ଜଣା ପଡ଼ିଲାନି ବେଳ
ଖରା ତାତି ଥିଲା ତମେ ଗଛଟିଏ
ଛାଇ ତାର ସୁଶୀତଳ ।
ମିଳନ ବିରହ ଆସି ଚାଲିଯାଏ
ଜୀବନଟା ହୁଏ ନଈ
ଦୂରେ ଥାଇ ପାଶେ ଥିବା ଅନୁଭବ
ଶୁଭେ ଗୀତଟିଏ ହୋଇ।

**ସୈରିନ୍ଧ୍ରୀ ସାହୁ**

### ॥ ଦେହ ବିଦେହର ଗୀତ ॥



**ପୂର୍ଣ୍ଣ ଦାସ**

ତୁମ ଲାକ୍ଷାରେଖା ପାଦର ଆଭାରେ
ରକ୍ତିମ ହୁଏ ରାତି,
ରକ୍ତଝରା ଏଇ ଛାତିତଳେ ମୋର
ମହକଇ ଜହ୍ନରାତି ।

ତମେ ଚନ୍ଦନବନର ସୁରଭି
ମୁଁ ମନ୍ଦ ମଳୟ ସୁର,
ତୁମ ନିଃଶ୍ୱାସ ବଂଶୀରେ ଶୁଭେ
ଗୀତ କ୍ଳାନ୍ତ ପିଆସୀର ।

ତୃଷ୍ଣା ଆତୁର ନୟନରେ ମୋର
ତମ ନୀଳକଇଁ ଆଖି,
ଅଧୀର କରେ ଗୋ ମଦିର ସପନେ
ଅତନୁର ରଙ୍ଗ ମାଖି ।


ଶିଳାକନ୍ୟାର କାବ୍ୟରେ ମୋର
ଜହ୍ନରାତି ଯାଏ ସରି,
ତମେ ଏମିତିକା ଜହ୍ନରାତିଟିଏ
କିଏ ଅବା ତୁମ ସରି !

ଜହ୍ନ ହଜିଗଲେ ପାହାଡ଼ ସେପାରେ
ଏପାଖେ ଅନ୍ଧାର ଘେରେ,
ନିଶାବଦେ ତମ ନୂପୁର ନିକ୍ୱଣ
ଭାସିଆସେ କବିତାରେ ।

♥ କଣ୍ଟାବଣିଆ,ଛତ୍ରପଡ଼ା,ପ୍ରୀତିପୁର,
ଯାଜପୁର - ୭୫୫୦୧୩
(ମୋ) ୯୩୩୭୫ ୪୮୮୯୩

### ॥ ସ୍ମୃତି ଗୀତି ॥

**ବସନ୍ତ କୁମାର ଦାସ**



ତୁ ସିନା ଜାଣିଛୁ କାଳିରେ ଲେଖିଛି
ମିଛ ମୋ କବିତା ସବୁ
ଲୁହ ମୋ ପାଲଟେ କାଳି କଳଙ୍କର
ଲେଖିବାକୁ ଭାବୁ ଭାବୁ ।

ଅପବାଦ କାଳେ ସାଉଁଟି ସଜାଏ
ତୋ ନାଆଁରେ ଲେଖି ଲେଖି
ଏମିତି ଖିଆଲ ଆପଣେଇ ନେଇ
ସ୍ମୃତି କଲୁ ଅଶ୍ରୁଲିପି ।
ତୁ ନୁହେଁ ଲାଗୁଛି ତୋହ ପରି ଜଣେ
ହୃଦୟ କରିଛି କାବୁ ,
ଲୁହ ମୋ ପାଲଟେ କାଳି କଳଙ୍କର
ଲେଖିବାକୁ ଭାବୁ ଭାବୁ ।


ଏ ସହର ଖୋଜେ ସଖୀ ! ମୋ କବିତା
କା ସ୍ମୃତିରେ ହୁଏ ଗୀତି
କିଏ କହେ ତାକୁ ପୁଣ୍ୟର ନଦୀ
କିଏ କହେ ପାପୀ ରାତି ।
ଖୋଲିବନି ଥରେ ମୋ ଓଠ କୋଳପ
ପ୍ରଶ୍ନଟିଏ ହୋଇଥିବୁ,
ଲୁହ ମୋ ପାଲଟେ କାଳି କଳଙ୍କର
ଲେଖିବାକୁ ଭାବୁ ଭାବୁ ।

♥ (ମୋ) ୭୦୦୮୬୯୩୯୦୩

# ଅସାଧୁ ସାହିତ୍ୟ- ମଂଗୁଆଳମାନଙ୍କ ଯୋଗୁ ଆଉ ପୁରସ୍କାରର ମର୍ଯ୍ୟାଦା ରହୁନି ବା ପୁରସ୍କୃତ ଲେଖକ ଲେଖିକାଙ୍କ ପାଇଁ ସମ୍ମାନବୋଧ ଆସୁନି : କୃପାସାଗର ସାହୁ

**କୃପାସାଗର ସାହୁ** ଓଡିଆ ସାହିତ୍ୟ ଜଗତର ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ସେ କେବଳ ଗଳ୍ପ କି ଉପନ୍ୟାସ ନୁହେଁ ବରଂ କବିତା, ଶିଶୁସାହିତ୍ୟ ସହ ଜୀବନୀ ରଚନା କରି ପ୍ରତିପାଦିତ କରିସାରିଛନ୍ତି ନିଜର ପରାକାଷ୍ଠା । ବର୍ଣ୍ଣନାର ଯାଦୁକାରୀ ସ୍ୱର୍ଶରେ ପାଠକଙ୍କୁ ଆୟତ୍ତ କରିବା କଳାରେ ସେ ପାରଙ୍ଗମ । ତାଙ୍କ ଲେଖାମାନଙ୍କରେ ଜୀବନ ଜୀଜିବିଷାର ଚିତ୍ର ଏତେ ପ୍ରାଞ୍ଜଳ ଯେ ତାହା ତାଙ୍କ ଲେଖାକୁ ନେଇ ଯାଇପାରେ ଗୋଟେ ଉଚ୍ଚତାକୁ ଓ ଶବ୍ଦର ଆପଣାପଣ ଅନାୟସରେ ଛୁଇଁପାରେ ପାଠକଙ୍କ ହୃଦୟ। "ଓଡିଆ ସାହିତ୍ୟର ସ୍ଥିତି ସଂପର୍କରେ ମୁଁ ଆଶାବାଦୀ କିମ୍ବା ନିରାଶାବାଦୀ ନୁହେଁ। ତେବେ ଓଡିଆ ସାହିତ୍ୟର ସୁବର୍ଣ୍ଣ ଯୁଗର ଅନ୍ତ ଘଟିଛି ବୋଲି ମୁଁ ମନେକରେ" ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅଳ୍ପରେ କୃପାସାଗର ସାହୁ



ଜନ୍ମ: ୧୬.୦୭.୧୯୫୨
ଜନ୍ମସ୍ଥାନ- ମଠକରଗୋଳା, ଢେଙ୍କାନାଳ,
ବର୍ତ୍ତମାନର ଠିକଣା- ୨୫୫,
ଡିଷ୍ଟ୍ରିକ୍ଟସେଣ୍ଟର, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୨୫୧୦୧୬
ମୋ: ୯୪୩୭୧୭୦୦୩୩

ପ୍ରକାଶିତ ପୁସ୍ତକ


କବିତା :
୧. ଉପରେ ଫର୍ଚ୍ଚା ଆକାଶ
୨. ତଳେ ବସୁମାତା

ଶିଶୁ ସାହିତ୍ୟ :
୧. ହଅ ଟିଇ ଟିଇ
୨. ନାଁ ମୋ ରେଳଗାଡି
୩. ରେଳଗାଡିର କାହାଣୀ

କ୍ଷୁଦ୍ରଗଳ୍ପ :
୧. ଜ୍ୟୋତି ଓ ତମସା
୨. କାହାଣୀ ୧୯୯୮
୩. ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ
୪. ହଂସଧ୍ୱନି
୫. କାହାଣୀ ୨୦୦୫
୬. ଶୁଆ କହେ ଶାରୀଲୋ
୭. ଗଡଜାତ ଗଳ୍ପ
୮. କଇଁ ପୋଖରୀରେ ପ୍ରେମ
୯. ଇତରାମ୍ୟ ଉପନିଷଦ
୧୧. କୃପାସାଗର କ୍ଲାସିକ
୧୧. ଶ୍ୟାମଳ ସାଯାହ୍ନ
୧୨. କୃପାସାଗର ସାହୁଙ୍କ ରେଳଗଳ୍ପ
୧୩. କୃପାସାଗର ସାହୁଙ୍କ ବ୍ୟଙ୍ଗ ଗଳ୍ପ
୧୪. ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ
୧୫. ପକ୍ଷୀଜନ୍ମରୁ ପାରିକର
୧୬. ଲୌକିକ ଓ ଅଲୌକିକ
୧୭. ରାଗମାଳଶ୍ରୀ
୧୮. ଯାତ୍ରୀଗଣ ଦୟାକରି ଧ୍ୟାନଦିଅନ୍ତୁ
୧୯. ଗାଆଁ
୨୦. ଚର୍ଚ୍ଚିତ ପଚାଶ
୨୧. ରେଳ ପଞ୍ଚାଶିକା
୨୨. ଶ୍ରୀକୃଷ୍ଣ
୨୩. ଶ୍ରୀରାମ
୨୪. ଶ୍ରୀରାଧା

ଉପନ୍ୟାସ :
୧. ଶେଷ ଶରତ
୨. ଶ୍ରାବଣର ସକାଳ
୩. ଝରାପତ୍ରରେ ଝଡ
୪. କରମଣ୍ଡଳ ଏକ୍ସପ୍ରେସ
୫. ଷ୍ଟେସନର ନାଁ ଲିଲିଗୁମ୍ଫା
୬. ନାନୀ
୭. ନୁହେଁ ମୁଁ ନକ୍ସଲ
୮. ମହାମୋକ୍ଷ
୯. ଉର୍ମିଳା ଏକ ଜୀବନ
୧୦. ଚମ୍ପାଫୁଲ

ଜୀବନୀ :
୧. ନମୋ ନାମା : ନରେନ୍ଦ୍ର ମୋଦିଙ୍କ ଜୀବନ ଓ ସୃଜନ
୨. ସ୍ମୃତି ସାଗରରୁ ଶଙ୍ଖେ : ବିମୁଗ୍ଧ ବାଲ୍ୟବେଳ




ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ଲେଖକଙ୍କ ଲିଖିତ ଗଳ୍ପ ପୁସ୍ତକ 'ଶେଷ ଶରତ'

■ କେମିତି ହୋଇଥିଲା ଆପଣଙ୍କର ସୃଜନର ଆଦ୍ୟ ସ୍ଫୁରଣ ?

■■ ଯେଉଁ ଗାଁରେ ମୋର ଜନ୍ମ, ତାହା ଥିଲା ପ୍ରାକୃତିକ ସୁଷମାରେ ପରିପୂର୍ଣ୍ଣ। ଗୋଟିଏ ପଟେ ପାହାଡ ଜଙ୍ଗଲ, ଅନ୍ୟ ପଟେ ନଈ ଏବଂ ନାଳ। ମଝିରେ କଇଁ ପୋଖରୀ । ଗୋଟିଏ ପଟେ ମଠ, ଅନ୍ୟ ପଟେ ମଙ୍ଗଳା ମା'ଙ୍କ ମନ୍ଦିର। ବାର ମାସରେ ତେର ଯାତ ଯୋଗୁଁ ସେହି ପଲ୍ଲୀ ଭୂଇଁ ଥିଲା ସର୍ବଦା ଉତ୍ସବ ମୁଖର। ତା'ରି ନୈସର୍ଗିକ ସୁଷମା ଶୈଶବରୁ ଆଖିରେ ସ୍ୱପ୍ନର ଅଞ୍ଜନ ବୋଳି ଦେଇଥିଲା। ତେଣୁ ଖୁବ୍ ପିଲାଦିନରୁ ମୁଁ କବିତା ଲେଖିବା ଆରମ୍ଭ କରିଥିଲି। ଧାନ ବିଲ ଉପରେ ଉଡିଯାଉଥିବା ବଳାକା ପଂକ୍ତି, ଫୁଲରୁ ଫୁଲ ଉଡୁଥିବା କଂକି, ପ୍ରଜାପତି, ମେଘମେଦୁର ଅକାଶ ଛାତିରେ ଇନ୍ଦ୍ରଧନୁର ଛଟା- ଏସବୁ ମୋତେ ସୃଜନ ପାଇଁ ଉସୁକାଉଥିଲେ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟରେ ଆଦ୍ୟଗୁରୁଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ଆଦ୍ୟଗୁରୁ ମୋର ପିତୃବ୍ୟ ଏବଂ ମି.ଇ.ସ୍କୁଲର ତଦାନୀନ୍ତନପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅର୍ଜୁନ ସାହୁ। ସେ ନିଜେ ଥିଲେ କବି ଏବଂ ଚିତ୍ରକର। ତାଙ୍କୁ ନିକଟରୁ ଦେଖି ଦେଖି ପିଲାଦିନରୁ ମୁଁ କବି ଏବଂ ଚିତ୍ରକର ବନିଯାଇଥିଲି।

■ ବର୍ତ୍ତମାନ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସାଂପ୍ରତିକ ସମାଜ ବହୁବିଧ ସମସ୍ୟାର ଚକ୍ରବ୍ୟୂହ ଭିତରେ ଘେରି ହୋଇରହିଛି। ଚୋରି, ଡକାୟତି, ରାହାଜନି, ଦୁର୍ନୀତି, ନାରୀ-ବଳାତ୍କାର ଏସବୁ ଆଗରୁ ଥିଲା, ଯାହାକି ଏବେ ଚରମସୀମାରେ ପହଞ୍ଚିଛି। ଏବେ ଆହୁରି କେତେକ ନୂଆ ନୂଆ ସମସ୍ୟା ମୁଣ୍ଡ ଟେକିଛନ୍ତି- ଯେମିତି: ସଂପତ୍ତି ଲୋଭରେ ପିତାମାତାଙ୍କର ହତ୍ୟା, ଗାଁ ଗଣ୍ଡାରେ ହିଂସାତ୍ମକ ରାଜନୀତି, ଶିକ୍ଷାୟତନମାନଙ୍କରେ ବାଳିକାଙ୍କ ଉପରେ ପାଶବିକ ଅତ୍ୟାଚାର, ଯୁବାମାନଙ୍କ ମଧ୍ୟରେ ନିଶାପ୍ରବଣତା ସାଇବର କ୍ରାଇମ ଅପରାଧ- ଏସବୁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ। ସାହିତ୍ୟ ମାଧ୍ୟମରେ ସଚେତନତା ଆଣିହେବ, କିନ୍ତୁ ଏହାଦ୍ୱାରା ସମାଜରେ ଏକ ଆଖିଦୃଶିଆ ପରିବର୍ତ୍ତନ ହୋଇଯିବ- ଏହା ଏକ ଅଳୀକସ୍ୱପ୍ନ। ସମାଜର ପରିବର୍ତ୍ତନ ପାଇଁ ପ୍ରଶାସନ, ନ୍ୟାୟିକବ୍ୟବସ୍ଥା ଏବଂ ସଚେତନ ଜନସାଧାରଣଙ୍କ ସଂଘବଦ୍ଧ ଉଦ୍ୟମ ଆବଶ୍ୟକ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖାଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ହେଉନଥିବା ଅଭିଯୋଗ ହୁଏ। ଏ ବାବଦରେ ଆପଣ କ'ଣ କହିବେ ?

■■ ଏ ଅଭିଯୋଗଟି ନିରାଧାର ନୁହେଁ। ଏବେ ଗାଡି ଗାଡି ଗଳ୍ପ କବିତା ପତ୍ରପତ୍ରିକା, ସାମାଜିକ ଗଣମାଧ୍ୟମରେ ଛାଇ ହୋଇଯାଉଛି। ଲେଖକଙ୍କ ସଂଖ୍ୟା ବଢିଛି, ପୁସ୍ତକ ଉନ୍ମୋଚନ ସିଲସିଲା ବଢିଛି, ଲିଟରାରି ଫେଷ୍ଟିଭାଲ ସଂଖ୍ୟା ବଢିଛି। କିନ୍ତୁ ସେହି ଅନୁପାତରେ ପାଠକଙ୍କ ସଂଖ୍ୟାରେ ବୃଦ୍ଧି ହୋଇନି। ପତ୍ରିକା-ସଂପାଦନା, ପ୍ରକାଶନ ସଂସ୍ଥାମାନଙ୍କ ସହ ପ୍ରତ୍ୟକ୍ଷ ବାବେ ଜଡିତ ଥିବା ଯୋଗୁଁ ମୁଁ ଏଭଳି ମତ ରଖୁଛି। ଦିନ ଥିଲା ଭଲ ଲେଖାଟିଏ ପ୍ରକାଶିତ ହେଲେ ଚିଠି ଏବଂ ଫୋନ୍ ଜରିଆରେ ଅଜସ୍ର ପାଠକୀୟ ପ୍ରତିକ୍ରିୟା ମିଳୁଥିଲା। ଏବେ ଚିଠିର ଯୁଗ ନାହିଁ। କିନ୍ତୁ ଫୋନ୍ ହେଉ ବା ହ୍ୱାଟସଅପ୍ ହେଉ ଆଶାନୁରୂପ ପାଠକୀୟ ପ୍ରତିକ୍ରିୟା ମିଳୁନି।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?

■■ ମାତୃଭାଷାର ଦୁରବସ୍ଥା ପାଇଁ ଆମର ଜାତୀୟ ଚରିତ୍ର ଦାୟୀ। ଆମର ମାତୃଭାଷା ପାଇଁ ସ୍ୱାଭିମାନ ନାହିଁ। ଆମ ଲୋକଙ୍କର ବହି ବା ପତ୍ରିକା କିଣି ପଢିବାର ମାନସିକତା ନାହିଁ। ମୋର ବର୍ଷବର୍ଷର ରେଳ ପ୍ରବ୍ରଜ୍ୟା ସମୟରେ କୌଣସି ଓଡ଼ିଆ ଯାତ୍ରୀଙ୍କ ହାତରେ ବହି ବା ପତ୍ରିକା ଖଣ୍ଡିଏ ମୋ ଆଖିରେ ପଡିନାହିଁ। ଗାଁ ଗହଳିରେ ଯେଉଁ ସବୁ ପାଠାଗାର ଥିଲା, ସେସବୁ ପ୍ରାୟତଃ ବନ୍ଦ। ସ୍କୁଲ କଲେଜଗୁଡିକ ସାହିତ୍ୟ-ପୁସ୍ତକ କ୍ରୟକୁ ପ୍ରାଥମିକତା ଦେଉଛନ୍ତି କି ନାହିଁ ସନ୍ଦେହ। ଯଦି ଦେଉଥାନ୍ତି, ତାହେଲେ କଲେଜ ଗୁଡିକରେ ପ୍ରୋଜେକ୍ଟ ପେପର ଗୁଡିକ ଅଷ୍ଟାଦଶ ଊନବିଂଶ ଶତାବ୍ଦୀର ଲେଖକଙ୍କ ଉପରେ ସୀମିତ ରହୁନଥାନ୍ତା। ସାହିତ୍ୟ ପ୍ରତି ଅନୁରାଗ ବିକଶିତ ହେଲେ, ମାତୃଭାଷା ବଂଚିବ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାର ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ଲେଖକମାନେ ଗଜଦନ୍ତ ସୌଧରେ ବସି ନଗଡାରେ ଅନାହାର ମୃତ୍ୟୁ ବା ଦାନମାଝିର ବିବଶତାକୁ ନେଇ କୁମ୍ଭୀର କାନ୍ଦଣା କଲେ ସମାଜର ଅବ୍ୟବସ୍ଥାର ମୂଳୋତ୍ପାଟନ ହେବନି। ସେମାନଙ୍କୁ 'ଆକ୍ଟିଭିଷ୍ଟ' ଭାବେ ରାଜରାସ୍ତାକୁ ବାହାରିବାକୁ ପଡିବ ଏବଂ ଦୁଃସ୍ଥ ଲୋକଙ୍କୁ ସହାୟତାର ହାତ ବଢାଇବାକୁ ପଡିବ। ଯଦିଓ ଏବେ ସାହିତ୍ୟ ମାଧ୍ୟମରେ ଏକ ଫରାସୀ ବିପ୍ଳବ ସୃଷ୍ଟି କରିବାର ଅବକାଶ ନାହିଁ, କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାରେ ଶାୟିତ ସରକାର ଏବଂ ଜନସାଧାରଣଙ୍କ ଆଖି ଖୋଲିବାର କ୍ଷମତା ସାହିତ୍ୟିକମାନଙ୍କର ଅଛି। କିନ୍ତୁ ପୁରସ୍କାରଟିଏ, ପଦ୍ମଶ୍ରୀଟିଏ ପାଇବାର ଆଶା ମନରେ ରଖି ଭୟାଳୁ ଲେଖକମାନେ ନୀରବତା ଅବଲମ୍ବନ କରିବାକୁ ଶ୍ରେୟସ୍କର ମଣୁଛନ୍ତି।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?




ସ୍ମରଣୀୟ ଅନୁଭୂତି : ଲେଖକଙ୍କ ଲିଖିତ ପୁସ୍ତକର ଉନ୍ମୋଚନ ଉତ୍ସବ...

■■ ଓଡିଆ ସାହିତ୍ୟର ସ୍ଥିତି ସଂପର୍କରେ ମୁଁ ଆଶାବାଦୀ କିମ୍ବା ନିରାଶାବାଦୀ ନୁହେଁ। ତେବେ ଓଡିଆ ସାହିତ୍ୟର ସୁବର୍ଣ୍ଣ ଯୁଗର ଅନ୍ତ ଘଟିଛି ବୋଲି ମୁଁ ମନେକରେ। ଓଡିଆ ସାହିତ୍ୟ ମରିଯିବ ନାହିଁ ବା କିଛି ଭାଷା ପାଇଁ ଜାତିସଂଘର ଏକ ଭବିଷ୍ୟବାଣୀ ଅନୁସାରେ କଥିତ ଭାଷା ହୋଇ ରହିବ ନାହିଁ। କିନ୍ତୁ ଏହା ତାଳଚେର ପାସେଞ୍ଜର ଗାଡି ପରି ଧକେଇ ଧକେଇ ଚାଲିବ। ତା'ର କେତୋଟି କାରଣ ହେଲା :

➡ ଆଗରୁ କହିଥିଲି, ଗାଡି ଗାଡି ଲେଖା ପ୍ରକାଶ ପାଉଛି। ସେଥିରୁ ବେଶୀ ଅଗାଡି। ଜନସାଧାରଣଙ୍କ ପାଇଁ ଅଖାଦ୍ୟ। ସେ ସବୁ ଧାନବିଲର ଚଷା ବା ଅନ୍ତଃପୁରର ଯୋଷାଙ୍କ ପାଇଁ ଅଭିପ୍ରେତ ନୁହେଁ। ଯେଉଁଦିନ ପାଲା, ଦାସକାଠିଆ କଳାକାରମାନେ ଆଧୁନିକ ଓଡିଆ କବିତାର ଧାଡି ମନେରଖି ସଭାରେ ବ୍ୟାଖ୍ୟାନ କରିବେ ସେଦିନ ଓଡିଆ ସାହିତ୍ୟର ଶକ୍ତିସାମର୍ଥ୍ୟ ପ୍ରତିପାଦିତ ହେବ। ଯେଉଁ ଲେଖକମାନେ କାମ୍ୟୁ, କାଫକା ପ୍ରଭୃତି ବିଦେଶୀ ଲେଖକଙ୍କୁ ଅନୁସରଣକରି ଓଡ଼ିଆ ସାହିତ୍ୟରେ ଏକ ନୂଆ ହାଓ୍ୱା ବୁହାଇ ଦେଲେ ବୋଲି ବାହାସ୍ଫୋଟ ମାରୁଛନ୍ତି, ତାଙ୍କୁ ମହାକାଳ କାଟିଦେବ। ଓଡିଶାର ମାଟିରେ ଲେଖିବା ପାଇଁ ଅନେକ ଉପାଦାନ ଅଛି। ବାହାରୁ ଆସି ଲୋକମାନେ ଶିମିଳିପାଳ, ଗୋପାଳପୁର, ଚିଲିକା ଉପରେ ଲେଖୁଛନ୍ତି- ଯାହାକି ଆମକୁ କରିବାର ଅଛି।

➡ ଭାଷା ଏବଂ ସାହିତ୍ୟକୁ ତୁଙ୍ଗ ସୋପାନରେ ପହଂଚାଇବା ପାଇଁ ଏବେ ସରକାର ତୁମ୍ବିତୋଫାନ ଚଳାଇଛନ୍ତି। ପ୍ରକାଶକମାନେ ଲକ୍ଷ ଲକ୍ଷ ଟଙ୍କାର ବହି ଛପାଇ ସ୍କୁଲ କଲେଜର ଠୁସି ଦେଉଛନ୍ତି। ସେ ସବୁ ପିଲାମାନେ ପଢୁଛନ୍ତି ନା ଅଧ୍ୟାପକମାନେ ଆଲୋଚନା କରୁଛନ୍ତି ? କଲେଜମାନଙ୍କରେ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରମାନଙ୍କୁ ଗୋଟିଏ ଗୋଟିଏ ପ୍ରୋଜେକ୍ଟ କରିବାକୁ ପଡେ। ସେହି ପ୍ରୋଜେକ୍ଟ ଭଞ୍ଜ, ରାଧାନାଥ ଯୁଗର କବି ଲେଖକଙ୍କ ମଧ୍ୟରେ ସୀମିତ ହୋଇ ରହୁଛି। ସାଂପ୍ରତିକ ସମୟର ସ୍ରଷ୍ଟାଙ୍କ ଉପରେ କାମ କରିବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଅଡଶପୁର ମହାବିଦ୍ୟାଳୟ ପ୍ରଭୃତି କେତୋଟି ମୁଷ୍ଟିମେୟ ଅନୁଷ୍ଠାନଙ୍କୁ ଛାଡି ଦେଲେ ଆଉ କେହି ଧ୍ୟାନ ଦେଉନାହାନ୍ତି। ଅଧ୍ୟାପକମାନେ ନିଜେ ପଢିଲେ ସିନା ଛାତ୍ରଛାତ୍ରୀଙ୍କୁ ସାଂପ୍ରତିକ ସାହିତ୍ୟ ପାଇଁ ପ୍ରୋତ୍ସାହିତ କରିବେ ! ଓଡ଼ିଆ ସାହିତ୍ୟକୁ ଏକ ଆବଦ୍ଧ ସରଣୀ ପରିବର୍ତ୍ତେ ଏକ ଗତିଶୀଳ ସୁନାବ୍ୟା ତଟିନୀ କରିବାର ଦାୟିତ୍ୱ ଓଡ଼ିଆ ଅଧ୍ୟାପକ ମାନଙ୍କର।

➡ ଜନସାଧାରଣଙ୍କ ବହି ବା ପତ୍ରିକା କିଣିବା ଦିଗରେ ଦରିଦ୍ର ସୁଲଭ ମାନସିକତା ଓଡ଼ିଶା ଭାଷା ଏବଂ ସାହିତ୍ୟ ପାଇଁ ଅନ୍ତରାୟ। ଅଧିକାଂଶ ଅଭିଭାବକ ପିଲାଙ୍କୁ ଇଂରାଜୀ ବହି କିଣି ଦେଉଛନ୍ତି। ଓଡ଼ିଆ ବହି ପଡି ରହୁଛି। ଏକଥା ଲକ୍ଷ୍ୟ କଲେ ଫକୀର ମୋହନଙ୍କ "ମୁଁ ହାଟବାହୁଡା" କବିତା ମନେ ପଡୁଛି।

➡ ଓଡିଆ ସାହିତ୍ୟ ଏକାଡେମୀରେ ସଭାପତି ନାହାନ୍ତି, ସଦସ୍ୟ ନାହାନ୍ତି। ବର୍ଷବର୍ଷ ଧରି ପୁରସ୍କାର ଦିଆଯାଇ ପାରୁନାହିଁ। ଏଥିରୁ ଆମ ସାହିତ୍ୟର ସ୍ଥିତି ଏବଂ ସାହିତ୍ୟିକମାନଙ୍କ ପ୍ରତି ସରକାରଙ୍କ ଗୁରୁତ୍ୱ ଅନୁମାନ କରିପାରୁଥିବେ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ସଚ୍ଚା ଲେଖକମାନେ ପୁରସ୍କାରକୁ ଲକ୍ଷ୍ୟ ରଖି ସୃଷ୍ଟି କରନ୍ତି ନାହିଁ। ଲେଖକକୁ ପ୍ରକୃତ ମୂଲ୍ୟାୟନ ବଳରେ ପୁରସ୍କାରଟିଏ ମିଳିଲେ ସେ ଉତ୍ସାହିତ ହୋଇ ଆଉ କେତୋଟି ସାର୍ଥକ ସୃଷ୍ଟି ସର୍ଜନାରେ ମନୋନିବେଶ କରିବ। ଏବେ ଯେଉଁ ତଥାକଥିତ ମର୍ଯ୍ୟାଦାଜନକ ପୁରସ୍କାର ଦିଆଯାଉଛି, ସେଥିରେ ସ୍ୱଚ୍ଛତାର ଘୋର ଅଭାବ। ଏକାଡେମୀ ସଭ୍ୟମାନେ ନିଜ ନିଜ ବହିଗୁଡିକୁ ଜୁରିମାନଙ୍କ ପାଖରେ ପେଶ କରିଦେଉଛନ୍ତି। ପ୍ରକାଶକମାନେ ମଧ ନିଜ ସଂସ୍ଥା ଦ୍ୱାରା ପ୍ରକାଶିତ ପୁସ୍ତକ ପାଇଁ ସହ ପୁରସ୍କାର ଯୋଗାଡ କରି ଦେଉଛନ୍ତି। ଆବାହକମାନେ ନିଜର ଚାହିଦା ପ୍ରାର୍ଥୀ, ପ୍ରାର୍ଥିନାଙ୍କୁ ବି ଜୟୀ କରିବାକୁ ସେମାନଙ୍କୁ ସୁହାଇଲା ଭଳି ଜୁରୀ ମନୋନୀତ କରୁଛନ୍ତି। ଏହିଭଳି ଅସାଧୁ ସାହିତ୍ୟ- ମଂଗୁଆଳମାନଙ୍କ ଯୋଗୁ ଆଉ ପୁରସ୍କାରର ମର୍ଯ୍ୟାଦା ରହୁନି ବା ପୁରସ୍କୃତ ଲେଖକ ଲେଖିକାଙ୍କ ପାଇଁ ସମ୍ମାନବୋଧ ଆସୁନି। ଲେଖକ ଲେଖିକାଙ୍କୁ ମୋର ବାର୍ତ୍ତା- ପୁରସ୍କାର ଏବଂ ସ୍ୱୀକୃତିକୁ ଆଶା ନ ରଖି ଲେଖି ଚାଲନ୍ତୁ। ♥♥



ସୁଖୀ ପରିବାର : ପତ୍ନୀ, ପୁତ୍ର ଓ କନ୍ୟାଙ୍କ ସହ ଲେଖକ କୃପାସାଗର ସାହୁ.....

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

ଭାଗ-୮



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

କ୍ୟାନସର୍ ତା'ର ସମସ୍ତ ଚିନ୍ତା ଚେତନା ଓ ଭାବନାକୁ କବଳିତ କରି ଦେଇଥିଲା । କଦାପି ମୁକୁଳି ପାରୁ ନଥିଲା ସେ ସେଥିରୁ। ମଝିରେ ମଝିରେ ଯାହା ମନେ ପଡୁଥିଲା ଡେଭିଡ୍ ଓ ତା'ର ଦୂରେଇ ଯିବା କଥା। ଏଥିପାଇଁ ସେ ଅଧିକ ମର୍ମାହତ ହେଉଥିଲା।

କେବେ ଥରେ ମନେମନେ ଭାବିଥିଲା ଜେନି, ସେ ଥରେ ଭାରତ ଯିବ ଏବଂ ସେଠି ଶ୍ରୀକ୍ଷେତ୍ରରେ ରଥଯାତ୍ରା ବେଳେ ଦର୍ଶନ କରିବ ଲର୍ଡ୍ ଜଗନ୍ନାଥଙ୍କୁ। ଏବେ ଘରେ ବସି ବସି ହଠାତ୍ ସେଇ କଥାଟି ତା' ମନ ଭିତରକୁ ପଶି ଆସିଲା। କିନ୍ତୁ ପର ମୁହୂର୍ତ୍ତରେ ନିରାଶ ହେଲା, ସେ ଏବେ ମୃତ୍ୟୁର ଦ୍ୱାରଦେଶରେ। କେମିତି ସେ ତା'ର ଅଭିଳାଷଟି ପୂରଣ କରିବ? ଏବଂ ଯାଇପାରିବ ଭାରତ?

କୌଣସି ଦେବତା ଯେମିତି ସେଇ ମୁହୂର୍ତ୍ତରେ ବତେଇ ଦେଲେ, "ହଁ ତୁ ପାରିବୁ ଜେନି। ଥରେ ଚେଷ୍ଟା କରି ଦେଖ୍। କ୍ଷତି କ'ଣ?"

ଜେନି ଏଇ କଥା ମନରେ ପୂରାଇ ପ୍ରୟାସ ଆରମ୍ଭ କଲା। ଯେମିତି ହେଉ ସେ ନିଶ୍ଚୟ ଯିବ ଭାରତ।

ଜେନିର ମୃତ୍ୟୁ ସୁନିଶ୍ଚିତ ଜାଣି ଡେଭିଡ୍ ଛାଡ଼ ଛାଡ଼ ହେଲା, ଉପରେ ଉପରେ ଗୋଟେ ଫିକା ଆନ୍ତରିକତା ଦେଖଉଥିଲା ଜେନିକୁ। ଦୀର୍ଘ ଦୁଇବର୍ଷ ତଳୁ ଜେନି ସହିତ ଶାରୀରିକ ସଂପର୍କ ଛିନ୍ନ ହେବା ପରଠାରୁ ତା'ର ଲୁସି ସହିତ ଆସକ୍ତି ବଢ଼ି ବଢ଼ି ଯାଇଥିଲା। ପ୍ରତ୍ୟେକ ଦିନ ବିଳମ୍ବିତ ରାତିରେ ଡେଭିଡ୍ ଘରକୁ ଫେରୁଥିଲା। ଏକୁଟିଆ ଜେନି ଘରଟି ଭିତରେ ଆହୁରି ଅସହାୟ ହୋଇ ଯାଉଥିଲା, ଜୀବନ ଉପରୁ ସେ ସଂପୂର୍ଣ୍ଣ ଆସ୍ଥା ତୁଟେଇ ସାରିଥିବା ସତ୍ତ୍ୱେ ଶେଷ ପର୍ଯ୍ୟାୟରେ ବି ଡେଭିଡ୍ ତା' ପ୍ରତି ଅବିଚାର କରୁଛି ବୋଲି ଅଭିମାନରେ ଘାରି ହେଉଥିଲା।

ଜେନିର ଏ ସବୁ ଦୁଃସ୍ଥିତି ଓ ବିପର୍ଯ୍ୟୟ ଦେଖିବାକୁ ମା' ନ ଥିଲେ ଆଉ ଏ ସଂସାରରେ। କେବେଠୁ ଆଖିବୁଜି ସାରିଥିଲେ। ବାପା ଉଇଲସନ୍ ଝିଅ ବାହାଘର ପରେପରେ ସଂପୂର୍ଣ୍ଣ ମୁକ୍ତ ହୋଇଯାଇଥିଲେ ଝିଅ ଦାୟରୁ। ଟେମସ୍ ନଦୀ କୂଳରେ ଥିବା ତାଙ୍କର ଏକମାତ୍ର ଘରଟିକୁ ଦେଇଯାଇଥିଲେ ଜେନିକୁ, ସାରା ଜୀବନ ସେଠାରେ ଆରାମରେ କଟେଇବାକୁ। ଆଉ ସେ ଇଂଲଣ୍ଡର ସବୁ ମୋହ, ମାୟା ଓ ଆକର୍ଷଣର ଅନ୍ତ ଘଟେଇ ଚାଲିଗଲେ ଫ୍ରାନସ୍। ଜେନି ଶୁଣିଛି ସେଠାରେ ଆଉ ଜଣେ ସ୍ତ୍ରୀ ଲୋକ, ଫ୍ରାଙ୍କ୍‌ଲିନାଙ୍କୁ ବିବାହ କରି ରହିଗଲେ। ଆଉ କେବେ ସେ ଫେରି ନାହାଁନ୍ତି କି ଜେନି ସହିତ କୌଣସି ସଂପର୍କ ରଖି ନାହାନ୍ତି ସେବେଠାରୁ।

ଦିନେ ଖୁବ୍ ବିଳମ୍ବିତ ରାତିରେ ବାର୍‌ରୁ ପ୍ରଚୁର ମଦ ପିଇ ଫେରିଲା ଡେଭିଡ୍। କ୍ରୋଧ, ଯନ୍ତ୍ରଣା ଓ ପୀଡ଼ାରେ ଛଟପଟ ହେଉଥିବା ଜେନି ରୀତିମତ ଝଗଡ଼ା କରି ବସିଲା।

"ତୁମେ ଏତେ ରାତିଯାଏଁ ତୁମର ରୋଗୀଣା ସ୍ତ୍ରୀକୁ ଛାଡ଼ି ବାହାରେ ରହିବା ଠିକ ହୋଇନାହିଁ ଡେଭିଡ୍। କୁହ, କେଉଁଠି ଥିଲ ତୁମେ? ଲୁସି ପାଖରେ ନିଶ୍ଚୟ?"- ପୀଡ଼ା ଜର୍ଜରିତ କଣ୍ଠରେ ପଚାରିଲା ଜେନି।

"ନାଇଁ ଡାର୍ଲିଂ, ଅଫିସ୍‌ରେ ଜରୁରି କାମରେ ରହିଯାଇଥିଲି। ସେଥିପାଇଁ କ୍ଷମା ମାଗୁଛି।"- ବିନୀତ ଭାବେ କହିଲା ଡେଭିଡ୍।

"ତୁମେ ତୁମ ରୋଗୀଣା ସ୍ତ୍ରୀ ପ୍ରତି ନ୍ୟୁନତମ କର୍ତ୍ତବ୍ୟ ଭୁଲି ଯାଉଛ ଡେଭିଡ୍! ତୁମକୁ ଈଶ୍ୱର କ୍ଷମା କରିବେ ନାହିଁ ।"- ରାଗରେ ଥରୁଥିଲା ଜେନି।

"ତୁମ ରୋଗର କାରଣ ମୁଁ ନୁହେଁ ଜେନି"!- କଟାକ୍ଷ କଲା ଡେଭିଡ୍।

"ହଁ ତୁମେ! ତୁମେ ହିଁ ମୋ ରୋଗର କାରଣ , ତୁମ ପାଇଁ ମୁଁ ଯାହା ନ କରିବା କଥା ହିଁ କରିଛି। ଆଜି ବୁଝୁଛି, ତୁମକୁ ଭଲ ପାଇବା ଏବଂ ବିବାହ କରିବା ମୋ ପକ୍ଷେ ସଂପୂର୍ଣ୍ଣ ଅନୁଚିତ ଥିଲା।"

"ତୁମେ ଅଯଥା ବିତଣ୍ଡା କରୁଛ ଜେନି! ତୁମ ରୋଗ, ଶୋକ, ଯନ୍ତ୍ରଣାର କାରଣ ମୁଁ ନୁହେଁ, ତୁମେ !"

ଜେନିର ରାଗ ଓ କ୍ରୋଧ ପଞ୍ଚମକୁ ଚଢ଼ି ଯାଇଥିଲା। ଜର୍ଜରିତା ଜେନି ଭାରସାମ୍ୟ ହରେଇ ଘରର ଆସବାବ ପତ୍ର କେତୋଟି ଭାଙ୍ଗି ପକେଇଲା, "ଯାଉ ସବୁ ଯାଉ। ମୋ ମୃତ୍ୟୁ ପୂର୍ବରୁ ଏ ସବୁ ନଷ୍ଟ ହୋଇଯିବା ଉଚିତ।"

ତାପରେ କ'ଣ ହେଲା କେଜାଣି! ଜେନି ମୂର୍ଚ୍ଛାହୋଇ ଚଟାଣରେ ପଡ଼ି ଗଁ ଗଁ ହେବାକୁ ଲାଗିଲା। ସଂଗେସଂଗେ ଡେଭିଡ୍ ଆମ୍ବୁଲାନସରେ ନେଇଯାଇଥିଲା ଡାକ୍ତରଖାନା। ଉପଯୁକ୍ତ ଚିକିତ୍ସା ପରେ ଜେନି ଭଲ ହୋଇ ଯାଇଥିଲା। ସକାଳେ ଡାକ୍ତରଖାନାରୁ ଲେଉଟିଲା ବେଳକୁ ଡାକ୍ତର ପରାମର୍ଶ ଦେଇଥିଲେ - "ଜେନି! ସର୍ବଦା କୌଣସି କ୍ରୋଧ, ଆବେଗ ଓ ଉଦ୍‌ବେଗଠାରୁ ଦୂରେଇ ରହିବାକୁ ଚେଷ୍ଟା କର। କୌଣସି ପରିସ୍ଥିତିରେ ବି ଉତ୍ତେଜିତ ହେବ ନାହିଁ।"

ଜେନି ସେବେଠାରୁ ଯଥା ସଂଭବ ନିଜକୁ ଆବେଗ, ଉଦ୍‌ବେଗ ଓ କ୍ରୋଧଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିବା ସତ୍ତ୍ୱେ ଆଜି ସିଂହଦ୍ୱାର ସାମ୍ନାରେ ଯାହା ଘଟିଥିଲା, ତାହା ନିଶ୍ଚୟ ପତିତପାବନଙ୍କୁ ଦେଖି ମାତ୍ରାଧିକ ଭାବବିହ୍ୱଳ ହୋଇପଡ଼ିବା ଯୋଗୁଁ ନା ଅନ୍ୟ କିଛି?

କିନ୍ତୁ ସେତେବେଳେ ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କ ମୂର୍ତ୍ତି ହଠାତ ଜୀବନ୍ତ ବୋଲି ମନେ ହେଲା ଜେନିକୁ। ଭାବ ବିନୋଦିଆ ଭାବଗ୍ରାହୀ ସେ। ଭକ୍ତର ଭାବକୁ ହିଁ କେବଳ ସେ ଗ୍ରହଣ କରନ୍ତି। ତାଙ୍କ ପାଇଁ ଯେ ଲୁହ ଢାଳି ପାରିଛି, ସେ ଲୁହ ବି ଢଳ ଢଳ ହୋଇଛି ତାଙ୍କ ଦୁଇ ଚକା ଚକା ଆଖିରେ। କାଳିଆ ଆଖିରେ ଲୁହ ଦେଖି ନିଜକୁ ସଂଭାଳି ପାରି ନ ଥିଲା ଜେନି। ଭାବବିହ୍ୱଳ ହୋଇପଡ଼ି ଆବେଗ ବଶତଃ ନିଜର ନିୟନ୍ତ୍ରଣ ହରେଇ ଦେଲା ସେ। ଏଣୁ ସଂଜ୍ଞାହୀନ ହୋଇ ଗଛ କାଟିଲା ପରି ତଳେ ଧରାଶାୟୀ ହୋଇ ପଡ଼ିଲା। ଜୀବନ୍ତ ଠାକୁର ସେ ଜଗନ୍ନାଥ । ତାଙ୍କୁ ସେ ଜୀବନ୍ତ ଅବସ୍ଥାରେ ଦର୍ଶନ କରି ଜୀବନ ତା'ର ସାର୍ଥକ ହୋଇଯାଇଛି। ହେଉପଛେ ବିଳମ୍ବରେ।

ଯେଉଁଦିନ ସଂଜ୍ଞାହୀନ ଅବସ୍ଥାରୁ ଭଲ ହୋଇ ଡାକ୍ତରଖାନାରୁ ଫେରିଥିଲା ଜେନି, ସେଦିନ ସାରାଦିନ ଆଉ ବାହାରକୁ ଯାଇ ନଥିଲା ଡେଭିଡ୍। ପାଖେ ପାଖେ ରହିଥିଲା। ନିଜ ହାତରେ ରୋଷେଇ କରି ଜେନିକୁ ଖାଇବାକୁ ଦେଇଥିଲା। ଛଳନାପୂର୍ଣ୍ଣ ଆନ୍ତରିକତାରେ ପୋତି ପକଉଥିଲା ସେ । ଜେନି ଭାବୁଥିଲା, ଡେଭିଡ୍ ସହିତ ପାଞ୍ଚବର୍ଷର ଦାମ୍ପତ୍ୟ ଜୀବନ ଖତମ ହୋଇ ଯାଇଛି। କିନ୍ତୁ ତୃପ୍ତି ପାଇନାହିଁ ଡେଭିଡ୍। ସେଥିପାଇଁ ସେ ଲୁସି ସହିତ ଲଟପଟ ହେଉଛି। ସେଥିରେ ତା'ର ଯାଏ ଆସେ କିଛି ନାହିଁ। ତାକୁ ଯେ ବିଦାୟ ନେବାକୁ ହିଁ ହେବ ଏ ଜୀବନରୁ ଓ ସଂସାରରୁ? ନିଃସଂକୋଚରେ ନିଜର ମନୋଭାବ ବ୍ୟକ୍ତ କଲା ସେ ଡେଭିଡ୍ ଆଗରେ।

"ମୁଁ ଜୀବନର ଏଇ ଶେଷ ମୁହୂର୍ତ୍ତରେ ଭାରତ ଯିବାକୁ ଇଚ୍ଛା କରିଛି ଡେଭିଡ୍। ବଞ୍ଚିବା ମାତ୍ର ମୋର ଆଉ ଅଢ଼େଇ ମାସ। ତିନିମାସ ଭିତରୁ ତୁମ ଅବହେଳାରେ ପନ୍ଦର ଦିନ କଟିଗଲାଣି। ଏଣୁ ମୁଁ ଜଲଦି ଭାରତ ଯିବି। ସେଠି ପୁରୀରେ ଦର୍ଶନ କରିବି ରଥାରୂଢ଼ ଜଗନ୍ନାଥଙ୍କୁ। ତୁମେ ଅଫିସରୁ ତିନିମାସ ପାଇଁ ଛୁଟି ଆଣ। ଆମେ ପୁରୀରେ ରହିବା। ମୋର ମୃତ୍ୟୁ ପରେ ମୋର ଶବକୁ ସେଠି ସମୁଦ୍ରରେ ଭସେଇ ଦେବ। ଏଥିରେ ମୋର ଆତ୍ମା ଶାନ୍ତି ପାଇବ। ମୁଁ ମୋକ୍ଷ ପ୍ରାପ୍ତ ହେବି।"

ଡେଭିଡ୍ ସେଦିନ ବହୁ କଷ୍ଟରେ ସମର୍ଥନ କଲା ଜେନି କଥାକୁ। କିନ୍ତୁ ପ୍ରସଙ୍ଗ ପଡ଼ିଲା ଅର୍ଥ ଉପରେ। "ଏତେଗୁଡ଼ିଏ ଅର୍ଥ କେଉଁଠୁ ଆସିବ?"- ଡେଭିଡ୍ ପ୍ରଶ୍ନ କଲା ଜେନିକୁ।

"ଅର୍ଥ ପାଇଁ ଏତେ ବେଶି ଭାବନା କରିବା ଅନୁଚିତ୍ ଡାର୍ଲିଂ। ମୋ ବାପାଙ୍କ ପ୍ରଦତ୍ତ ଏଇ ଘରଟି ମୁଁ ବିକ୍ରି କରିଦେବି। ଆଉ ସେଇ ପଇସାରେ ଆମେ ଭାରତ ଚାଲିଯିବା। ମୋର ତିରୋଧାନ ପରେ ତୁମେ ଫେରି ଆସିବ।"- ଜେନି ଟିକେ ଗେହ୍ଲେଇ ହୋଇ କହୁଥିଲା ଡେଭିଡ୍‌କୁ ମନେଇବା ପାଇଁ।

'ହଁ'ଟାଏ ମାରି ଡେଭିଡ୍ ଟିକିଏ ଗମ୍ଭୀର ହୋଇ ପଡ଼ିଲା। ଟେମସ୍ ନଦୀ କୂଳରେ ଏଇ ଘରଟି ହାତଛଡ଼ା ହୋଇଗଲେ ଆଉ ଏମିତି ଘରଟେ ମିଳିବା ସଂଭବ ନୁହେଁ ଜୀବନରେ। ଯଦି ପଇସା ଯୋଗାଡ଼ ହୋଇପାରେ, ତାହାଲେ ଜେନି ପାଖରୁ ଅନ୍ୟ କାହା ମାଧ୍ୟମରେ ଘରଟିକୁ କିଣି ନେବାକୁ ଚେଷ୍ଟା କରିବ। ଏଣୁ ଚୂଡ଼ାନ୍ତ କଥାଟି ଶୁଣିବା ପାଇଁ ଡେଭିଡ୍ ପ୍ରଶ୍ନ କଲା-

"ତୁମେ କ'ଣ ସତରେ ଏ ଘରଟିକୁ ବିକ୍ରି କରିଦେବ ଡାର୍ଲିଂ?"

ଡେଭିଡ୍ ଆଡ଼କୁ ଆଦୌ ନ ଅନେଇ ଜେନି ଉତ୍ତର ଦେଇଥିଲା- "ହଁ, କାହିଁକି ନୁହେଁ? ଘର ମୋର, ମୁଁ ତାକୁ ଯାହାବି କରିପାରେ। ମୁଁ ତ ମରିଯିବି, ଏ ଘର ରହି ମୋର କେଉଁ ଉପକାରରେ ଲାଗିବ?"

"ସେଇଥିପାଇଁ ତ କହୁଛି। ଘରକୁ ଘର ଯିବ, ତୁମେ ବି ମରିଯିବ? ଲାଭ କ'ଣ ପାଇବ?"- ବିସ୍ମିତ ଡେଭିଡ୍ ପ୍ରଶ୍ନ କଲା ଜେନିକୁ।

"ତୁମେ ଏତେ ସ୍ୱାର୍ଥପର ଡେଭିଡ୍? ଭାବୁଛ, ମୁଁ ମରିଗଲା ପରେ ଏ ଘରଟି ତୁମର ହୋଇ ରହିଯିବ ? ଶେଷ ଜୀବନରେ ମୋର ଇଚ୍ଛା ଅନିଚ୍ଛାର କୌଣସି ମୂଲ୍ୟ ନାହିଁ? ମୁଁ ତାହା କଦାପି ହେବାକୁ ଦେବିନାହିଁ। ମୃତ୍ୟୁ ପୂର୍ବରୁ ଅନ୍ୟ ଯାହାଙ୍କୁ ନାଇଁ ତାକୁ ଦେଇଯିବି।"- ସାମାନ୍ୟ ଉତ୍ତେଜିତ ହୋଇ ଉଠୁଥିଲା ଜେନି।

ଗତରାତ୍ରି ପରି ଅବସ୍ଥା ବି ସୃଷ୍ଟି ହୋଇଯାଇପାରେ ! ଆଉ କଥା ଆଗକୁ ବଢ଼େଇବାକୁ ଚାହିଁଲା ନାହିଁ ଡେଭିଡ୍। ଏମିତିରେ ଦେଖିବାକୁ ଗଲେ, ସେ କଥା ଆଗକୁ ବଢ଼ିବ ତ ଜେନିର ପରିସ୍ଥିତି ଅସଂଭାଳ ହୋଇଯିବ। ଏଥିପାଇଁ ସେ ଚୁପ୍ ରହିଲା।

ଏହାର ପରଦିନଠାରୁ ଡେଭିଡ୍ ସଂପୂର୍ଣ୍ଣ କୁଆଡ଼େ ନିରୁଦ୍ଦିଷ୍ଟ ହୋଇଗଲା। ଜେନିର ଫୋନ୍ ବି ରିସିଭ୍ କଲାନାହିଁ।

ପାଖ ପଡ଼ିଶାର ପ୍ରାୟ ସମସ୍ତେ ଜେନିର କ୍ୟାନସର୍ ହେବାକଥା ଜାଣିଥିଲେ। ସମସ୍ତଙ୍କର ଭରପୂର ସମବେଦନା ଥିଲା ଜେନି ପ୍ରତି। ବେଳେବେଳେ କେହି ଆସି ତାର ଦୁଃଖ ଲାଘବ ପାଇଁ ଆଳାପ କରି ଭୁଲେଇବାକୁ ଚେଷ୍ଟା କରୁଥିଲେ। ସେମାନେ ବଜାର ଗଲେ ପଇସା ନେଇ ତା' ପାଇଁ ଆବଶ୍ୟକୀୟ ଜିନିଷ କିଣିଆଣି ଦେଉଥିଲେ। ଏଇ ମର୍ମରେ ପଡ଼ୋଶୀ ଆଲିଆ ଓ ତା'ର ସ୍ୱାମୀ ରିଚାର୍ଡ୍ ଖୁବ୍ ବେଶୀ ଅନ୍ତରଙ୍ଗ ହୋଇଯାଇ ଥିଲେ ଜେନିର। ପାଖ ପଡ଼ିଶାର ଲୋକମାନଙ୍କ ମଧ୍ୟରୁ ଦୁଇ ଚାରିଜଣଙ୍କୁ ଛାଡ଼ିଦେଲେ ସମସ୍ତେ ଥିଲେ ବ୍ୟବସାୟୀ। ଲଣ୍ଡନ ନଗରୀରେ ସେମାନେ ସବୁ ଛୋଟ ବଡ଼ ବ୍ୟବସାୟ କରୁଥିଲେ। ରିଚାର୍ଡ୍ ଥିଲା ଟିକେ ବିତ୍ତଶାଳୀ ଲୋକ। ତା'ର ଗୋଟେ ବଡ଼ ଇଲେକ୍ଟ୍ରିକାଲ୍ ଦୋକାନ ଥିଲା। ଦୁଇ ଚାରିଜଣ କର୍ମଚାରୀ ବି ପାଖରେ ରଖିଥିଲା ସେ।

ଏବେ ଜେନିର ଘରଟି କିଣିବା ପାଇଁ ପାଖ ପଡ଼ିଶାମାନଙ୍କ ଭିତରେ ଏକ ପ୍ରକାର ପ୍ରତିଯୋଗିତା ଲାଗିଯାଇଥିଲା। ଏକାବେଳେକେ ଚାରି ପାଞ୍ଚଜଣ ତାର ଘରଟିକୁ କିଣିବାକୁ ଆଶାୟୀ ହୋଇ ପଡ଼ିଥିଲେ। ସେଥି ସକାଶେ ଜେନି ପାଖକୁ ସେମାନେ ଯା ଆସ ବି କରୁଥିଲେ।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

---

ଚେତନାର ଚୌହଦୀ

# ଟ୍ରମ୍ପ ଯୁଗ: ଏକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ

ଡ. ଗୋଲକ ବିହାରୀ ଆଚାର୍ଯ୍ୟ



କ୍ଲିନିକ୍ ବାହାରେ ନେତୃତ୍ୱର ପରୀକ୍ଷା ଆମେରିକୀୟ ମାନସିକ ଚିକିତ୍ସା ବିଜ୍ଞାନର 'ଗୋଲ୍ଡୱାଟର ରୁଲ୍' ଅନୁଯାୟୀ, କୌଣସି ଜନନାୟକଙ୍କୁ ବ୍ୟକ୍ତିଗତ ଭାବେ ପରୀକ୍ଷା ନକରି ତାଙ୍କ ବ୍ୟକ୍ତିତ୍ୱ ଉପରେ କୌଣସି କ୍ଲିନିକାଲ୍ ମନ୍ତବ୍ୟ ଦେବା ଅନୁଚିତ। ଏହା ରାଜନୀତିରେ ଚିକିତ୍ସା ବିଜ୍ଞାନର ଅପବ୍ୟବହାରକୁ ରୋକିବା ପାଇଁ ଏକ ଜରୁରୀ ସାମ୍ବିଧାନିକ ଓ ନୈତିକ ପ୍ରତିବନ୍ଧକ। କିନ୍ତୁ ଗଣତନ୍ତ୍ରରେ ଜଣେ ନାଗରିକର ପରିସର କ୍ଲିନିକଠାରୁ ସମ୍ପୂର୍ଣ୍ଣ ପୃଥକ। ଯେତେବେଳେ ଜଣେ ନେତାଙ୍କ ବ୍ୟକ୍ତିତ୍ୱ ହିଁ ସର୍ବସାଧାରଣ କ୍ଷମତାର ମୁଖ୍ୟ ଆଧାର ପାଲଟେ, ସେତେବେଳେ ସେହି ଶକ୍ତିଶାଳୀ ବ୍ୟକ୍ତିତ୍ୱର ସ୍ୱଭାବକୁ ବୁଝିବା ନାଗରିକମାନଙ୍କର କେବଳ ଅଧିକାର ନୁହେଁ, ବରଂ କର୍ତ୍ତବ୍ୟ ମଧ୍ୟ। ଡୋନାଲ୍ଡ ଜେ. ଟ୍ରମ୍ପ, ଯିଏ କି ଆମେରିକାର ୪୫ତମ ଏବଂ ବର୍ତ୍ତମାନ ୪୭ତମ ରାଷ୍ଟ୍ରପତି, ସେ ବ୍ୟକ୍ତିତ୍ୱ ଏବଂ କ୍ଷମତାର ଏକ ଅଦ୍ୱିତୀୟ ମିଶ୍ରଣ। ତାଙ୍କର ରାଜନୈତିକ ସଫଳତାକୁ ବୁଝିବାକୁ ହେଲେ ଆମକୁ କେବଳ ଦଳୀୟ ଗଣିତରୁ ଊର୍ଦ୍ଧ୍ୱକୁ ଯାଇ ରାଜନୈତିକ ମନୋବିଜ୍ଞାନର ଗଭୀରତାକୁ ପ୍ରବେଶ କରିବାକୁ ହେବ। ତାଙ୍କ ନେତୃତ୍ୱ ଶୈଳୀର କେନ୍ଦ୍ରରେ ରହିଛି ଏକ 'ଶିକାରୀ ସୁଲଭ ଆଭିମୁଖ୍ୟ' (Predatory Orientation)—ଏକ ଏପରି ଦୃଷ୍ଟିକୋଣ ଯେଉଁଠି କ୍ଷମତା ହେଉଛି କେବଳ ଏକ ବିଜୟ ବା ଦଖଲର ମାଧ୍ୟମ, କୌଣସି ସାମୂହିକ ଦାୟିତ୍ୱବୋଧ ନୁହେଁ।

**ଶୈଶବର ସଂଘର୍ଷ ଓ ମାନସିକ ଗଠନ**

ଟ୍ରମ୍ପଙ୍କ ଏହି ବିଶ୍ୱବ୍ୟାପୀ ଦୃଷ୍ଟିକୋଣ ନ୍ୟୁୟର୍କର କୁଇନ୍ସ ଅଞ୍ଚଳରୁ ହିଁ ଆରମ୍ଭ ହୋଇଥିଲା। ନିଜ ପିତା ଫ୍ରେଡ୍ ଟ୍ରମ୍ପଙ୍କ କଠୋର ଅନୁଶାସନ ମଧ୍ୟରେ ସେ ଗୋଟିଏ ଶିକ୍ଷା ଲାଭ କରିଥିଲେ: ଏ ଦୁନିଆରେ କେବଳ 'ବିଜୟୀ' (Killers) ମାନଙ୍କର ହିଁ ମୂଲ୍ୟ ଅଛି ଏବଂ ଅନ୍ୟ ସମସ୍ତେ 'ପରାଜିତ' (Losers)। ଏହି ପରିବେଶରେ ସମ୍ବେଦନଶୀଳତାକୁ ଦୁର୍ବଳତା ଏବଂ ଦୟାକୁ ଅକ୍ଷମତା ଭାବେ ଗ୍ରହଣ କରାଯାଉଥିଲା। ସଫଳତା ସେଠାରେ କେବଳ ଏକ ଲକ୍ଷ୍ୟ ନଥିଲା, ବରଂ ନିଜର ଅସ୍ତିତ୍ୱ ପ୍ରତିପାଦନ କରିବାର ଏକମାତ୍ର ପ୍ରମାଣ ଥିଲା। ଏହି 'ସୁରଭାଇଭାଲ୍ ଅଫ୍ ଦି ଫିଟେଷ୍ଟ' ମାନସିକତା ତାଙ୍କୁ ଜୀବନସାରା ଏକ ଅନିଶ୍ଚିତତା ମଧ୍ୟରେ ରଖିଛି, ଯେଉଁଠି ପ୍ରତିଟି ମୁହୂର୍ତ୍ତରେ ନିଜର ଶ୍ରେଷ୍ଠତା ପ୍ରମାଣ କରିବା ଅନିର୍ବାର୍ଯ୍ୟ ହୋଇପଡେ।

ମ୍ୟାନହଟନର ଜ୍ୟୋତିର୍ମୟ ଅଟ୍ଟାଳିକାରୁ ଆରମ୍ଭ କରି କ୍ୟାସିନୋ ଦୁନିଆ ଏବଂ ପରବର୍ତ୍ତୀ ସମୟରେ ରିଆଲିଟି ସୋ 'ଦି ଆପ୍ରେଣ୍ଟିସ' ପର୍ଯ୍ୟନ୍ତ, ଟ୍ରମ୍ପ କ୍ଷମତାର ପ୍ରଦର୍ଶନକୁ ଏକ ରୀତିନୀତିରେ ପରିଣତ କରିଥିଲେ। ଏହି ଶୋ' ତାଙ୍କ ପାଇଁ ରାଷ୍ଟ୍ରପତି ପଦ ପାଇଁ ଏକ ମନସ୍ତାତ୍ତ୍ୱିକ ପୂର୍ବ-ଅଭ୍ୟାସ ସଦୃଶ ଥିଲା, ଯେଉଁଠାରେ ସେ ଅନ୍ୟକୁ ଅପମାନିତ କରିବା ବା ବାହାର କରିଦେବାକୁ ନିଜର ଅପାର ଶକ୍ତି ବୋଲି ପ୍ରମାଣିତ କରିଥିଲେ। 'ୟୁ ଆର୍ ଫାୟାର୍ଡ୍' କେବଳ ଏକ ସଂଳାପ ନଥିଲା, ବରଂ ଏହା ଥିଲା କର୍ତ୍ତୃତ୍ୱ ଜାହିର କରିବାର ଏକ ଶୈଳୀ।

**ରାଜନୈତିକ ଶୈଳୀରେ ଶିକାରୀ ଆଭିମୁଖ୍ୟ**

ନେତୃତ୍ୱ ପ୍ରସଙ୍ଗରେ 'ପ୍ରିଡେସନ୍' ବା ଶିକାରୀ ଆଭିମୁଖ୍ୟ କହିଲେ କେବଳ କ୍ରୂରତାକୁ ବୁଝାଏ ନାହିଁ, ବରଂ ଏହା ଏକ ଏପରି ମାନସିକତା ଯେଉଁଠି ଅନୁଷ୍ଠାନ, ନିୟମ ଏବଂ ଅନ୍ୟ ବ୍ୟକ୍ତିମାନଙ୍କୁ କେବଳ ନିଜର ସ୍ୱାର୍ଥ ସାଧନର ମାଧ୍ୟମ କିମ୍ବା ପଥର କଣ୍ଟା ଭାବେ ଦେଖାଯାଏ। ଟ୍ରମ୍ପଙ୍କ ଭାଷାଶୈଳୀରେ ଏହା ସ୍ପଷ୍ଟ ବାରି ହୋଇପଡେ, ଯେତେବେଳେ ସେ ଜଟିଳ ମଣିଷମାନଙ୍କୁ କେବଳ 'ଦୁର୍ବଳ' କିମ୍ବା 'ବିପର୍ଯ୍ୟୟ' (Disasters) ଭାବେ ବର୍ଣ୍ଣନା କରନ୍ତି। ଏହି ମନସ୍ତାତ୍ତ୍ୱିକ ଢାଞ୍ଚା ଦୁନିଆକୁ କେବଳ ଦୁଇ ଭାଗରେ ବିଭକ୍ତ କରେ—ଏକାନ୍ତ ବନ୍ଧୁ କିମ୍ବା ଚରମ ଶତ୍ରୁ। ଏଠାରେ ସାମାନ୍ୟ ସମନ୍ୱୟ ବା ବୁଝାମଣାକୁ ଦୁର୍ବଳତା ବୋଲି ଧରାଯାଏ।

ଶାସନ ପ୍ରଣାଳୀ, ଯାହା ମୁଖ୍ୟତଃ ଆଲୋଚନା ଓ ସଂହତି ଉପରେ ଆଧାରିତ ହେବା କଥା, ତାହା ଏଠାରେ ଏକ ନିରନ୍ତର ମନସ୍ତାତ୍ତ୍ୱିକ ଯୁଦ୍ଧରେ ପରିଣତ ହୁଏ। ସେ ନିଜର ବିରୋଧୀମାନଙ୍କୁ କେବଳ ପରାସ୍ତ କରିବାକୁ ଚାହାଁନ୍ତି ନାହିଁ, ବରଂ ସେମାନଙ୍କର ବୈଧତାକୁ ସମ୍ପୂର୍ଣ୍ଣ ଭାବେ ଧୂଳିସାତ୍ କରିବାକୁ ଚାହାଁନ୍ତି। ଏହା ଗୋଟିଏ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ପାଇଁ ଅତ୍ୟନ୍ତ ଚିନ୍ତାଜନକ, କାରଣ ଏଠାରେ ସମ୍ମାନଜନକ ମତଭେଦ ପାଇଁ କୌଣସି ସ୍ଥାନ ରହେନାହିଁ।

**ଅହଂକାରର ଆବରଣ ଓ ଦୁର୍ବଳତା**

ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱରେ ଥିବା 'ନାର୍ସିସିଜିମ୍' ବା ଆତ୍ମ-ମୋହ ବିଷୟରେ ଅନେକ ଆଲୋଚନା ହୋଇଛି। ମନୋବିଜ୍ଞାନ ଦୃଷ୍ଟିକୋଣରୁ ଏହାକୁ ଏକ 'ମିଥ୍ୟା ସତ୍ତା' (False Self) କୁହାଯାଇପାରେ—ଏକ ଏପରି ସୁରକ୍ଷା କବଚ ଯାହା ନିଜ ଭିତରର ଶୂନ୍ୟତା ବା ଅସହାୟତାକୁ ଲୁଚାଇ ରଖିଥାଏ। ତାଙ୍କର ବିରାଟ ଜନସଭା (Crowd size) ପ୍ରତି ଅହେତୁକ ଆକର୍ଷଣ ଏବଂ ନିଜକୁ 'ସର୍ବଶ୍ରେଷ୍ଠ' ଭାବେ ଘୋଷଣା କରିବାର ପ୍ରବୃତ୍ତି ବାସ୍ତବରେ ଏକ ଗଭୀର ମନସ୍ତାତ୍ତ୍ୱିକ ଆବଶ୍ୟକତା। ଯେତେବେଳେ ଏହି କବଚ ଉପରେ କେହି ଆଘାତ କରେ, ସେତେବେଳେ ତାଙ୍କର ପ୍ରତିକ୍ରିୟା ଆକ୍ରମଣାତ୍ମକ ହୋଇଥାଏ। ପରାଜୟକୁ ସେ ସହଜରେ ଗ୍ରହଣ କରିପାରନ୍ତି ନାହିଁ, ତେଣୁ ସେ ଏହାକୁ ଏକ ଚକ୍ରାନ୍ତ ବା ଚୋରି ଭାବେ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ଏହି ପ୍ରକ୍ରିୟାରେ ସେ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନ ଯେପରିକି ନ୍ୟାୟାଳୟ ବା ନିର୍ବାଚନ କମିଶନଙ୍କୁ ମଧ୍ୟ କ୍ଷମା ଦିଅନ୍ତି ନାହିଁ।

**ଶକ୍ତିଶାଳୀ ନେତା (Strongman) ଏବଂ ସୋଲିପ୍ସିଷ୍ଟିକ୍ ବାସ୍ତବତା**

ଟ୍ରମ୍ପଙ୍କ ନେତୃତ୍ୱରେ 'ଷ୍ଟ୍ରଙ୍ଗମ୍ୟାନ' ଆର୍କେଟାଇପ୍ ବା ଶକ୍ତିଶାଳୀ ନେତାର ଏକ ଝଲକ ଦେଖିବାକୁ ମିଳେ। ସେ ବିଶ୍ୱାସ କରନ୍ତି ଯେ କ୍ଷମତା କୌଣସି ନିୟମ ବା ବ୍ୟବସ୍ଥାରେ ନୁହେଁ, ବରଂ ବ୍ୟକ୍ତିବିଶେଷଙ୍କ ହାତରେ ରହିବା ଉଚିତ। ଏହି ମାନସିକତା ତାଙ୍କୁ ପ୍ରଚଳିତ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଦ୍ରୋହୀ କରି ଗଢ଼ି ତୋଳିଛି। ଅନ୍ୟପଟେ 'ସୋଲିପ୍ସିଜିମ୍' ବା ଆତ୍ମ-କେନ୍ଦ୍ରିକତା ତାଙ୍କୁ ବିଶ୍ୱାସ କରାଏ ଯେ ବାସ୍ତବତା ତାଙ୍କର ଇଚ୍ଛା ଅନୁସାରେ ପରିବର୍ତ୍ତିତ ହୋଇପାରେ। ଯଦି ନେତାଙ୍କ ସତ୍ୟ ହିଁ ସର୍ବୋପରି, ତେବେ 'ସାଧାରଣ ସତ୍ୟ' ବୋଲି କିଛି ରହେନାହିଁ। ଏହାଦ୍ୱାରା ତଥ୍ୟର ମୂଲ୍ୟ କମିଯାଏ ଏବଂ କେବଳ ଆନୁଗତ୍ୟ ହିଁ ସତ୍ୟର ମାପକାଠି ପାଲଟେ।

**ଅନୁଗାମୀଙ୍କ ସହ ମନସ୍ତାତ୍ତ୍ୱିକ ସମ୍ପର୍କ (Mirroring Effect)**

ଜଣେ ନେତାଙ୍କୁ ବୁଝିବାକୁ ହେଲେ ତାଙ୍କ ଅନୁଗାମୀଙ୍କୁ ବୁଝିବା ଅତ୍ୟନ୍ତ ଆବଶ୍ୟକ। ଟ୍ରମ୍ପ ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ଏକ ଅଦ୍ଭୁତ 'ମିରରିଂ' ବା ପ୍ରତିଫଳନ ଦେଖିବାକୁ ମିଳେ। ସେ ସେହିମାନଙ୍କର କଣ୍ଠସ୍ୱ ପାଲଟନ୍ତି ଯେଉଁମାନେ ଆଧୁନିକ ଅର୍ଥନୀତି ଓ ସମାଜରେ ନିଜକୁ ଅବହେଳିତ ମନେ କରନ୍ତି। ସେମାନଙ୍କର ଅସନ୍ତୋଷ, କ୍ରୋଧ ଏବଂ ଅଭିଯୋଗକୁ ସେ ନିଜ ବ୍ୟକ୍ତିତ୍ୱ ମଧ୍ୟରେ ସ୍ଥାନ ଦିଅନ୍ତି। ଅପରପକ୍ଷରେ, ସମର୍ଥକମାନେ ଟ୍ରମ୍ପଙ୍କ ଅହଂକାର ମଧ୍ୟରେ ନିଜର ଶକ୍ତି ଖୋଜି ପାଆନ୍ତି। ଏହି ସମ୍ପର୍କଟି ଏକ ବନ୍ଦ କୋଠରୀ ସଦୃଶ, ଯେଉଁଠି ବାହାରର ଯୁକ୍ତି ବା ବିଜ୍ଞାନ ପହଞ୍ଚିପାରେ ନାହିଁ। ଏଠାରେ ଭକ୍ତି ହିଁ ହେଉଛି ଏକମାତ୍ର ମୂଳଧନ।

**ବିଶ୍ୱ ରାଜନୀତି ଓ ଗଣତନ୍ତ୍ରର ଭବିଷ୍ୟତ**

ଟ୍ରମ୍ପଙ୍କର ଏହି 'ଆମେରିକା ଫାଷ୍ଟ' ଆଭିମୁଖ୍ୟ ବାସ୍ତବରେ ତାଙ୍କର ଆତ୍ମ-କେନ୍ଦ୍ରିକ ମନସ୍ତତ୍ତ୍ୱର ଏକ ବୈଦେଶିକ ପ୍ରତିଫଳନ। ସେ ବିଶ୍ୱାସ କରନ୍ତି ଯେ ସମସ୍ତ ଚୁକ୍ତି ବା ଆନ୍ତର୍ଜାତୀୟ ସମ୍ପର୍କ କେବଳ ଏକ ଲାଭ-କ୍ଷତିର ବ୍ୟବସାୟ। ଏଥିରେ କୌଣସି ନୈତିକତା ବା ମାନବିକ ମୂଲ୍ୟବୋଧର ସ୍ଥାନ ନାହିଁ। ଯେତେବେଳେ ଜଣେ ଶକ୍ତିଶାଳୀ ରାଷ୍ଟ୍ରର ନେତା ଏପରି ମାନସିକତା ରଖନ୍ତି, ସେତେବେଳେ ବିଶ୍ୱରେ ଶାନ୍ତି ଓ ସହଯୋଗର ଭିତ୍ତିଭୂମି ଦୋହଲିଯାଏ। ତାଙ୍କର ଦ୍ୱିତୀୟ ଥର ଆଗମନ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଚାଲିଥିବା ଯୁଦ୍ଧ ଓ ଅସ୍ଥିରତା ମଧ୍ୟରେ ଏକ ନୂତନ ଅନିଶ୍ଚିତତା ସୃଷ୍ଟି କରିଛି।

ତାଙ୍କର ରାଜନୈତିକ ସଫଳତା ପ୍ରମାଣ କରେ ଯେ, ଲୋକମାନେ ନୀତି ଅପେକ୍ଷା ବ୍ୟକ୍ତିତ୍ୱକୁ ଅଧିକ ଗୁରୁତ୍ୱ ଦିଅନ୍ତି। ତାଙ୍କର ସଫଳତା କୌଣସି ଆଦର୍ଶଗତ ଶ୍ରେଷ୍ଠତା ଉପରେ ନୁହେଁ, ବରଂ ଜନସାଧାରଣଙ୍କ ମନରେ ଥିବା ଭୟ ଓ କ୍ରୋଧକୁ ସଫଳତାର ସହ ବ୍ୟବହାର କରିବା ଉପରେ ଆଧାରିତ। ଏହା ହିଁ ସବୁଠାରୁ ବଡ଼ ଗଣତାନ୍ତ୍ରିକ ବିଡ଼ମ୍ବନା।

**ନିର୍ଯ୍ୟାସ: ଗଣତନ୍ତ୍ରର ଅନ୍ତରାତ୍ମା ପାଇଁ ଏକ ଆହ୍ୱାନ**

ଡୋନାଲ୍ଡ ଟ୍ରମ୍ପ କୌଣସି ସାମାନ୍ୟ ରାଜନୈତିକ ବ୍ୟକ୍ତିତ୍ୱ ନୁହଁନ୍ତି; ସେ ହେଉଛନ୍ତି ଏକ ଜୀବନ୍ତ ମନସ୍ତାତ୍ତ୍ୱିକ ଘଟଣା। ତାଙ୍କର ଶିକାରୀ ସୁଲଭ ଆଭିମୁଖ୍ୟ, ଯାହା ବିଭାଜନ, କ୍ଷମତା ଦଖଲ ଏବଂ ଆବେଗପୂର୍ଣ୍ଣ ଆକ୍ରମଣ ଉପରେ ପର୍ଯ୍ୟବସିତ, ତାହା ଆଧୁନିକ ରାଜନୀତିକୁ ଏକ 'ସୁରଭାଇଭାଲ୍ ଥିଏଟର' ବା ବଞ୍ଚି ରହିବାର ରଙ୍ଗମଞ୍ଚରେ ପରିଣତ କରିଛି। ତାଙ୍କର ସଫଳତା ନୀତିଗତ ଜଟିଳତା ଉପରେ ନୁହେଁ, ବରଂ ପ୍ରତିଶୋଧ ଏବଂ ସଂଗ୍ରାମର ପ୍ରତୀକ ସାଜିବାରେ ନିହିତ। ସେଥିପାଇଁ ସେ କେତେକଙ୍କ ପାଇଁ ଦେବଦୂତ ତ ଆଉ କେତେକଙ୍କ ପାଇଁ ଆତଙ୍କର କାରଣ।

ଦ୍ୱିତୀୟ ଥର ପାଇଁ ସେ କ୍ଷମତାକୁ ଫେରିଥିବା ବେଳେ ଆମେରିକୀୟ ଗଣତନ୍ତ୍ର ପାଇଁ ମୁଖ୍ୟ ପ୍ରଶ୍ନ ହେଉଛି: ଏକ ନିୟମ, ସାମ୍ବିଧାନିକ ମର୍ଯ୍ୟାଦା ଏବଂ 'ସାଧାରଣ ସତ୍ୟ' ଉପରେ ଆଧାରିତ ବ୍ୟବସ୍ଥା କଣ ଏପରି ଜଣେ ନେତାଙ୍କ ସହ ତାଳ ମେଳ ରଖିପାରିବ, ଯାହାର ମନସିକତା ଏହି ସବୁ ସୀମାକୁ ଭାଙ୍ଗିବାରେ ହିଁ ଆନନ୍ଦ ପାଏ? , ଏହି 'ଶିକାରୀ ମନସ୍ତତ୍ତ୍ୱ' କିନ୍ତୁ କେବଳ ନିଜର ବିଜୟର ପ୍ରତିଧ୍ୱନି ଶୁଣିବାକୁ ଚାହେଁ। ଆଗାମୀ ବର୍ଷଗୁଡ଼ିକରେ ଗଣତନ୍ତ୍ରର ପ୍ରକୃତ ପରୀକ୍ଷା ହେବ, ଯେଉଁଠି ଦେଖିବାକୁ ମିଳିବ ଯେ ନିୟମର ଶାସନ ବଡ଼ ନା ଜଣେ ଶକ୍ତିଶାଳୀ ବ୍ୟକ୍ତିର ଇଚ୍ଛା। ଆମକୁ ଏହା ମନେ ରଖିବାକୁ ହେବ ଯେ, ଗଣତନ୍ତ୍ରର ଶାନ୍ତ କିନ୍ତୁ ଦୃଢ଼ ସ୍ୱର ଯେପରି କ୍ଷମତାର ଏହି କର୍କଶ କୋଳାହଳ ମଧ୍ୟରେ ହଜି ନଯାଏ ।

ଦ୍ରଷ୍ଟବ୍ୟ : ଏହା ନେଟରୁ ପ୍ରାପ୍ତ ଅନେକ ତଥ୍ୟର ଏକ ସଂଶ୍ଳେଶିତ ରୂପ ।

♥ କେଶଦୁରାପାଳ, କୁଶଳେଶ୍ୱର, କେଉଁଝର
ମୋ: ୯୯୩୮୧୭୫୧୦୦

---

# ଜୀବନ ବୋଝ



ପ୍ରଦେଶ ପ୍ରତ୍ୟୁଷ

ଆଜିର ମଣିଷ ଜୀବନକୁ ଏକ ଅଦୃଶ୍ୟ ଭାର ଭାବରେ ଅନୁଭବ କରୁଛି। ଜନ୍ମ ଠାରୁ ଆରମ୍ଭ କରି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଚାଲିଛି ଏକ ଅବିରତ ଦୌଡ଼ ଓ ସଂଘର୍ଷ। ପୁରାତନ କାଳରେ ମଣିଷ ପ୍ରକୃତି ସହ ସଂଗଠିତ ଥିଲା, ଆଜି ସେ ପ୍ରକୃତିରୁ ବିଚ୍ଛିନ୍ନ ହୋଇ ନିଜର ସୃଷ୍ଟି କରିଥିବା ଯନ୍ତ୍ର ଓ ଟେକ୍ନୋଲୋଜିରେ ବନ୍ଦୀ ଜୀବନ ବିତାଉଛି। ଏହି ବୋଝ କେବଳ ଶାରୀରିକ ନୁହେଁ, ଏହା ମାନସିକ, ଆଧ୍ୟାତ୍ମିକ ଓ ସାମାଜିକ ସ୍ତରରେ ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି।

ଜନ୍ମ ହେବା ମାତ୍ରେ ମାତାପିତାଙ୍କ ମନରେ ଆଶା ସଞ୍ଚାର ହୁଏ, ଏ ପିଲା ବଡ଼ ହୋଇ କ'ଣ ହେବ ? ଡାକ୍ତର, ଇଞ୍ଜିନିୟର, ଅଫିସର... ସବୁଠାରୁ ବଡ଼ କଥା ହେଉଛି ଅର୍ଥ। ଆଜିକା ସମୟରେ ସଫଳତାର ଏକମାତ୍ର ମାପଦଣ୍ଡ ହୋଇଛି ଟଙ୍କା ଓ ସମ୍ପତ୍ତି। ଶିଶୁ ବେଳେ ପିଲାମାନଙ୍କୁ ଶିଖାଯାଏ - ପଢ଼, ରୋଜଗାର କର, ବଡ଼ ଘର କର, ଗାଡ଼ି କିଣ, ବ୍ରାଣ୍ଡେଡ୍ ଜିନିଷ ପିନ୍ଧ। ଏହି ଅନ୍ତଃହୀନ ଇଚ୍ଛାର ଚକ୍ରରେ ପଡ଼ି ମଣିଷ ନିଜର ପ୍ରକୃତ ସ୍ୱରୂପକୁ ଭୁଲି ଯାଏ। ସଂଘର୍ଷ କେବଳ ରୋଜଗାର ପାଇଁ ନୁହେଁ, ସେହି ରୋଜଗାରକୁ ଆହୁରି ବଢ଼ାଇବା ପାଇଁ, ଆଉ ଅଧିକ ସମ୍ପଦ ସଂଗ୍ରହ କରିବା ପାଇଁ ହୋଇଥାଏ। ଏହି ଅର୍ଥ-ସ୍ୱାର୍ଥର ମାୟାଜାଲରେ ପଡ଼ି ମଣିଷ ନିଜ ଆତ୍ମା ସ୍ୱରୂପକୁ ହରାଇ ବସୁଛି।

ଆଜି ଟେକ୍ନୋଲୋଜି ଆମ ଦୈନିକ ଜୀବନର ଚଳନୀକୁ ସହଜ କରିଛି ସତ୍ୟ, କିନ୍ତୁ ସେହି ସହଜତା ଆମକୁ ମୂଲ୍ୟ ଦେଇଛି କିଛି ଅମୂଲ୍ୟକୁ ହରାଇ। ଗୋଟିଏ କ୍ଲିକ୍‌ରେ ସବୁକିଛି ମିଳୁଛି - ଖାଦ୍ୟ, ବସ୍ତ୍ର, ବିନୋଦନ, ସମ୍ପର୍କ। କିନ୍ତୁ ଏହି ସୁବିଧା ସୁଯୋଗ ଆମକୁ ମଣିଷ ଠାରୁ ଦୂରେଇ ଦେଇଛି। ପୂର୍ବେ ଗାଁରେ ସନ୍ଧ୍ୟା ହେଲେ ଲୋକେ ଏକତ୍ର ହୋଇ ଗପସପ କରୁଥିଲେ, ହସୁଥିଲେ, କାନ୍ଦୁଥିଲେ, ସୁଖ ଦୁଃଖରେ ଭାଗଦାରୀ ହେଉଥିଲେ। ଆଜି ସମସ୍ତେ ମୋବାଇଲ୍ ସ୍କ୍ରିନ୍ ଆଗରେ ଏକାକୀ। ସୋସିଆଲ୍ ମିଡିଆରେ ଶହ ଶହ ଫ୍ରେଣ୍ଡ୍, କିନ୍ତୁ ପ୍ରକୃତ ସାଙ୍ଗ ନାହିଁ। ଭାବନା ଓ ଅନୁଭୂତି ଇମୋଜିରେ ସମାପ୍ତ ହୋଇ ଯାଉଛି। ମନରେ ଥିବା ଗଭୀର କଥା କହିବାକୁ କେହି ନାହିଁ। ହୃଦୟରେ ଆନ୍ତରିକତାର ଦୂରତ୍ୱ ବଢ଼ିବାରେ ଲାଗିଛି ।

ଦିନକୁ ଦିନ ଏହି ଜୀବନ ଦୁର୍ବିସହ ହେଉଛି। ସକାଳେ ଉଠିବା ମାତ୍ରେ ନୋଟିଫିକେସନ୍‌ର ଝଡ଼, ଅଫିସରେ ଟାର୍ଗେଟ୍‌ର ଚାପ, ସଂଧ୍ୟାରେ ଆଉ ଏକାକୀ ପଣ । ମଣିଷ ଏତେ ସବୁ ସୁଯୋଗ ପାଇ ମଧ୍ୟ ସୁଖୀ ନୁହେଁ । କାରଣ ସେ ବାହାରେ ସବୁ ପାଇଛି, କିନ୍ତୁ ଭିତରେ କିଛି ନାହିଁ। ଅନ୍ତଃଶୂନ ଜୀବନ। ଆତ୍ମାର କ୍ଷୁଧା ମେଣ୍ଟାଇବାକୁ କୌଣସି ଆପ୍ ନାହିଁ, କୌଣସି ଅର୍ଡର ବଟନ୍ ନାହିଁ।

ତଥାପି ଆଶାର ଏକ ଆଲୋକ ରଶ୍ମି ରହିଛି। ଯଦି ଆମେ ସଚେତନ ହେବା, ଯଦି ଆମେ ଥରେ ସ୍କ୍ରିନ୍ ବନ୍ଦ କରି ପାଖ ମଣିଷଟିର ଆଖିକୁ ଚାହିଁବା, ତାଙ୍କ କଥା ଶୁଣିବା, ତାଙ୍କ ହସରେ ହସିବା, ତେବେ ହିଁ ଏହି ବୋଝ ହାଲୁକା ହେବ। ଟେକ୍ନୋଲୋଜି ଆମର ସେବକ ହେବା ଉଚିତ୍, ପ୍ରଭୁ ନୁହେଁ। ଅର୍ଥ ଆମ ଜୀବନର ସାଧନ ହେବ, ସାଧ୍ୟ ନୁହେଁ।

ଆସନ୍ତୁ, ଆଜିଠାରୁ ଏକ ନୂଆ ପ୍ରତିଜ୍ଞା କରିବା। ନୂଆ ଜୀବନ ଜିଇଁବାର କ୍ୟାଲେଣ୍ଡର ତିଆରି କରିବା। ଆମେ ମଣିଷକୁ ମଣିଷ ଭାବରେ ଦେଖିବୁ। ଆନ୍ତରିକତାର ଏକ ଛୋଟିଆ ହସ, ଏକ ଗଭୀର ଆଲିଙ୍ଗନ, ଏକ ନିଷ୍ଠାପୂର୍ଣ୍ଣ କଥାବାର୍ତ୍ତା ଦ୍ୱାରା ଆମେ ଏହି ଦୁର୍ବିସହ ଜୀବନକୁ ପୁନର୍ବାର ସୁନ୍ଦର କରି ପାରିବା । କାରଣ ଜୀବନ କେବଳ ବଞ୍ଚିବା ନୁହେଁ, ଜୀବନ ହେଉଛି ଅନ୍ୟମାନଙ୍କ ସହ ମିଶି ଭାବନା ବାଣ୍ଟିବା, ଭଲପାଇବା, ଭଲ ହେବା ଓ ସମଭାବାପନ୍ନ ସୃଷ୍ଟି କରିବାର ଏକ ନିଆରା ପାରାବାର। ସମୟ ସରି ସରି ଯାଉଛି। ଆଉ ଏତିକି ବେଳେ ଆମେ ସମୟକୁ ସାଇତିବାକୁ ପ୍ରୟାସ କରିବାନି, ସମୟ ସହ ବଞ୍ଚିବାର କଳା ଶିଖିନେବା।

ଜୀବନ ବୋଝ ନୁହେଁ -ଏହା ଏକ ଅନନ୍ୟ ଅବସର। କିନ୍ତୁ ଏହି ଅବସରକୁ ଆମେ କେବଳ ସଚେତନତା ଓ ମାନବିକତା ଦ୍ୱାରା ସାର୍ଥକ କରି ପାରିବା । ଆସନ୍ତୁ ଆଜିଠୁ ଏହି ପଥରେ ଏକ ସାଙ୍ଗଠିତ ପଦକ୍ଷେପରେ ଆଗେଇବା ।

♥ କୁରୁମଟାଙ୍ଗର,
ମହୁଲପଡ଼ା, ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭



# ମଧୁରୋକ୍ତି...( ୧୬ )

## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ବଡ ବଡ ଗଛର ଗଣ୍ଡି, ପଥର, ପାହାଡ ଖଣ୍ଡ ସବୁ ବୋହି ନେଇ ଯିଏ ଯେତେ ପାରିଲେ ସହଯୋଗ କରି ଚାଲିଲେ ସେତୁବନ୍ଧ ତିଆରି କରିବା ପାଇଁ।ଶେଷରେ ଅସମ୍ଭବ କାର୍ଯ୍ୟ ସମ୍ଭବ ହେଲା। ସମୁଦ୍ରକୁ ବାନ୍ଧି ଦିଆଗଲା। କିନ୍ତୁ ତା ପରେ ସେହି ସେତୁବନ୍ଧ ପ୍ରତିଷ୍ଠା କରିବା ସମୟ ଆସି ଉପନୀତ ହେଲା। ସେତେବେଳେ ତୁମେ ଆବାହନ କରିଥିଲ ଲଙ୍କାପତି ରାବଣକୁ। ସେ ଥିଲା ବେଦଜ୍ଞ ବ୍ରାହ୍ମଣ। ପୁରାଣ କଥା ଅନୁସାରେ ସେତୁବନ୍ଧର ପ୍ରତିଷ୍ଠା ପାଇଁ ତୁମେ ସସ୍ତ୍ରିକ ହୋମ ଯଜ୍ଞ କରିବା ଆବଶ୍ୟକ ବୋଲି ସେ ନିଜେ ପୁଷ୍ପକ ବିମାନରେ ମାତା ସୀତାଙ୍କୁ ନେଇ ଆସିଥିଲା। କିନ୍ତୁ ସର୍ତ୍ତ ରଖିଥିଲା ଯେ ଯୁଦ୍ଧ ପୂର୍ବରୁ ତୁମେ ଯେପରି ସୀତାଙ୍କର ମୁଖ ମଧ୍ୟ ଦର୍ଶନ କରିବେ ନାହିଁ। ସେହି ସର୍ତ୍ତ ଅନୁସାରେ ବିଧିବଦ୍ଧ ଭାବରେ ସେତୁବନ୍ଧ ପ୍ରତିଷ୍ଠା ହୋଇଥିଲା। ଅନ୍ୟ ଏକ କଥା ଅନୁସାରେ ରାବଣ କେବଳ ଏକାକୀ ଆସି ସେତୁ ପ୍ରତିଷ୍ଠା କରି ଚାଲି ଯାଇଥିଲା।

ବିଜୟ ପ୍ରାପ୍ତି କରିବା ପାଇଁ ଶକ୍ତି ସ୍ୱରୂପା ଭବାନୀଙ୍କର ପୂଜା କରି ତାଙ୍କୁ ପ୍ରସନ୍ନ କରିବା ପାଇଁ ମନସ୍ଥ କଲ। ମା' ଙ୍କ ପୂଜା ପାଇଁ ଏକଶତ ଆଠ ହୋଇ ନୀଳ ପଦ୍ମ ଆଣିବାକୁ ତୁମେ ମହାବଳୀ ହନୁମାନଙ୍କୁ ପଠେଇ ଥିଲ। ସେ ମଧ୍ୟ ଗଣି ଗଣି ନୀଳପଦ୍ମ ସବୁ ତୋଳି ଆଣି ଦେଇଥିଲେ। ତା ପରଦିନ ବ୍ରହ୍ମ ମୁହୂର୍ତ୍ତରେ ପୂଜା କରି ମା' ଙ୍କୁ ପଦ୍ମ ଅର୍ପଣ କରିବା ସମୟରେ ତୁମେ ଲକ୍ଷ୍ୟ କରିଥିଲ ଯେ ଗୋଟିଏ ନୀଳପଦ୍ମ କମ୍ ଥିଲା। ପୂଜାରେ ବିଳମ୍ବ କିମ୍ବା ବ୍ୟାଘାତ କରିବା ସମ୍ଭବ ନଥିଲା। କିନ୍ତୁ ଏପରି ଏକ ଅନିଚ୍ଛାକୃତ ତ୍ରୁଟି ପାଇଁ ତୁମ ପାଖରେ କୌଣସି ବିକଳ୍ପ ନଥିଲା। ଶେଷରେ ତୁମେ ଚିନ୍ତା କରିଥିଲ ଯେହେତୁ ତୁମେ ନିଜେ ରାଜୀବଲୋଚନ...ଭକ୍ତମାନେ ତୁମ ଚକ୍ଷୁ ଯୁଗଳଙ୍କୁ ପଦ୍ମ ସହିତ ସର୍ବଦା ତୁଳନା କରି ଆସୁଥିଲେ...ତୁମେ ଚିନ୍ତା କଲ ଯେ ଏହି କମ୍ ଥିବା ପଦ୍ମର ବିକଳ୍ପ ପାଇଁ ନିଜର ଚକ୍ଷୁକୁ ଉତ୍ପାଟନ କରି ଅର୍ପଣ କରିବ।

କାଳ ବିଳମ୍ବ ନକରି ତୁମେ ନିଜର ଧନୁଶର ବାହାର କରି ନିଜର ଚକ୍ଷୁ ବାହାର କରି ମା' ଙ୍କ ପାଦତଳେ ସମର୍ପି ଦେବାକୁ ଉଦ୍ୟତ ହେଲା ବେଳେ ନିଜେ ମା ଶକ୍ତି ସ୍ୱରୂପା ଭବାନୀ ଆସି ତୁମକୁ ଏପରି କରିବାରୁ କ୍ଷାନ୍ତ କରିଥିଲେ । ନିଶ୍ଚିତ ବିଜୟର ଆଶୀର୍ବାଦ ଦେଇଥିଲେ ମା ଭବାନୀ। ଧର୍ମ ସ୍ଥାପନା ପାଇଁ ତୁମର ଏ ଅଭିଯାନ ଯୁଗ ଯୁଗ ପାଇଁ ଏକ କିର୍ତ୍ତିସ୍ତମ୍ଭ ନିର୍ମାଣ କରିବ ବୋଲି ଶୁଭାଶିଷ ଗ୍ରହଣ କରି ତାଙ୍କ ପରାମର୍ଶ କ୍ରମେ ମହାଦେବଙ୍କୁ ପୂଜା କରିବା ପାଇଁ ଆଗେଇ ଥିଲ। ରାବଣ ଶ୍ରେଷ୍ଠ ଶିବଭକ୍ତ ଥିଲା। ତେଣୁ ତାକୁ ପରାସ୍ତ କରିବାକୁ ଯିବା ସମୟରେ ମହାଦେବଙ୍କ ଆଶିଷ ଅତ୍ୟନ୍ତ ପ୍ରୟୋଜନ ଥିଲା।

ମହାଦେବଙ୍କୁ ପୂଜା କରିବା ପାଇଁ ସମୁଦ୍ର ବାଲିରେ ତୁମେ ଏକ ବାଲୁକା ଶିବଲିଙ୍ଗ ସ୍ଥାପନ କରିଥିଲ। ଆଉ ସେଠାରେ ତୁମ ଆଗ୍ରହ ଅନୁସାରେ ଶିବଙ୍କର ଜ୍ୟୋତି ସ୍ୱରୂପ ଆସି ଅବସ୍ଥାନ କରିବା ପରେ ତୁମର ନାମ ଅନୁସାରେ ତାହା ରାମେଶ୍ୱର ଜ୍ୟୋତିର୍ଲିଙ୍ଗ ହିସାବରେ ଜଗତ ବିଖ୍ୟାତ ହେଲା। ଶିବ ଏବଂ ବିଷ୍ଣୁ ଏକ ତଥା ଅଭିନ୍ନ। କିନ୍ତୁ ଲୋକାଚାର ଅନୁସାରେ ଭିନ୍ନ ସ୍ୱରୂପରେ ପୂଜା ପାଉ ଥିବାରୁ ଏଥର ମଧ୍ୟ ମହାଦେବ ତୁମ ପୂଜାରେ ସନ୍ତୁଷ୍ଟ ହେବା ଜଣେଇ ଦେଇଥିଲେ। ରାବଣ ତାଙ୍କ ଭକ୍ତ ହୋଇଥିଲେ ମଧ୍ୟ ସେ ସୀତା ହରଣ ପରି ଘୃଣ୍ୟ କାର୍ଯ୍ୟ କରିବା ପରେ ମହାଦେବଙ୍କ କୃପାରୁ ବଞ୍ଚିତ ହୋଇଥିଲା। ରାବଣ ଏପରି ଏକ ଭକ୍ତ ଥିଲା ଯେ କି ନିଜ ଭକ୍ତିରେ ମହାଦେବଙ୍କୁ ପ୍ରସନ୍ନ କରିବା ପରେ ତାଙ୍କୁ ନିଜ ସହ ଲଙ୍କାକୁ ନେଇ ଯିବାର ମିନତି କରି ସେଥିରେ ସଫଳ ହୋଇଥିଲା। ଅବଶ୍ୟ ମହାଦେବ ତାକୁ କହିଥିଲେ ଯେ ସେ ଯେଉଁ ସ୍ୱୟଂଭୂ ଲିଙ୍ଗ ସ୍ୱରୁପରେ ଯିବେ ସେତେବେଳେ ସେ ଯେମିତି ତାଙ୍କୁ କେଉଁଠି ମଧ୍ୟ ରଖିବ ନାହିଁ। ଯେଉଁଠି ତାଙ୍କ ଲିଙ୍ଗ ରଖି ଦିଆଯିବ ସେହି ସ୍ଥାନରେ ହିଁ ପ୍ରଭୁ ଅଟକି ଯିବେ।

କୈଳାସରେ ହାହାକାର ପଡ଼ିଗଲା। ଏହା କିପରି ସମ୍ଭବ ହୋଇ ପାରିବ ଯେ ନିଜେ ମହାଦେବ ହିଁ କୈଳାସ ପର୍ବତ ତ୍ୟାଗ କରି ସବୁଦିନ ପାଇଁ ଯାଇ ଲଙ୍କାରେ ବାସ କରିବେ...!! କିଛି ଉପାୟ କରି ଏହି ପରିସ୍ଥିତିକୁ ସମ୍ଭାଳି ନେବା ପାଇଁ ତୁମରି ବିଷ୍ଣୁ ସ୍ୱରୁପକୁ ସମସ୍ତେ ନିବେଦନ କଲେ। ତୁମର ପରାମର୍ଶ କ୍ରମେ ନିଜେ ଗଜାନନ ଏକ ବାଳକ ରୂପ ନେଇ କମଣ୍ଡଳୁରେ ସମ୍ପୂର୍ଣ୍ଣ ଜଳାଶୟର ଜଳ ଭରି ଦେଇ ରାବଣ ନିକଟକୁ ଗଲେ। ପ୍ରଖର ସୂର୍ଯ୍ୟତାପରେ ତୃଷାର୍ତ୍ତ ରାବଣ ଜଳ ପିଇ ସାରିବା ପରେ ପ୍ରକୃତିର ଡାକରାରେ ବାଧ୍ୟ ହୋଇ ସେହି ବାଳକଙ୍କୁ ସ୍ୱୟଂଭୂ ଲିଙ୍ଗ ସମର୍ପି ଦେଇ ଲଘୁଶଙ୍କା ପାଇଁ ଚାଲିଗଲା। ସମୟ ଅତିବାହିତ ହେବା ସହିତ ବିଘ୍ନ ବିନାଶକ ସେହି ଶିବ ଲିଙ୍ଗଙ୍କୁ ସେହି ସ୍ଥାନରେ ସ୍ଥାପନା କରି ଦେଇଥିଲେ। ସେହି ଜ୍ୟୋତିର୍ଲିଙ୍ଗ ସେଇଠି ଭୂମି ଭିତରକୁ ସମାହିତ ହୋଇ ଯାଇଥିଲା। ରାବଣ କ୍ରୋଧିତ ହୋଇ ସେହି ବାଳକ ରୂପୀ ଗଣେଶଙ୍କ ମୁଣ୍ଡ ଉପରେ ଚାପ ଦେଇଥିଲେ ଯାହା ଆଜି ମଧ୍ୟ ସେଠାରେ ଅବସ୍ଥିତ ମୂର୍ତ୍ତିରେ ଦେଖିବାକୁ ମିଳେ। ରାବଣ ଭକ୍ତିର ପରାକାଷ୍ଠା ଏମିତି ଅନେକ ଦୃଷ୍ଟାନ୍ତରୁ ଦେଖିବାକୁ ମିଳେ। ଆଉ ସେଥିପାଇଁ ରାବଣକୁ ହରେଇବାକୁ ହେଲେ ମହାଦେବଙ୍କ କୃପା ପ୍ରାପ୍ତି ନିତାନ୍ତ ଆବଶ୍ୟକ ଥିଲା। ସୀତା ହରଣ କରିବା ପରେ ମହାଦେବ ନିଜେ ତା ଉପରେ ରୁଷ୍ଟ ହୋଇ ଯାଇଥିଲେ। ଏଣୁ ଧର୍ମ ମାର୍ଗରେ ଚାଲୁଥିବା ନିଜ ଆରାଧ୍ୟ ଯେତେବେଳେ ତାଙ୍କୁ ଆରାଧନା କଲେ ସେ ମଧ୍ୟ ନିଜର ସମ୍ପୂର୍ଣ୍ଣ ସହଯୋଗ ଦେଇଥିଲେ।

ତୁମର ସେନା ସେତୁବନ୍ଧ ଉପର ଦେଇ ଲଙ୍କା ଦିଗରେ ଅଗ୍ରସର ହେଲେ। ଏହି ଅଦ୍ଭୁତ ଦୃଶ୍ୟ ଦେଖି ଗଗନ ପବନ ସ୍ତମ୍ଭିଭୂତ ହୋଇ ଯାଇଥିଲା। ସମୁଦ୍ର ବାନ୍ଧିବା ହେଉ କିମ୍ବା ବାନର ସେନା ସହିତ ଏତେ ବଡ ତ୍ରିଲୋକ ବିଜୟୀ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ମନୋବଳ ଯୁଟେଇବା ହେଉ...କେବଳ ତୁମର ଦିବ୍ୟ ଶକ୍ତିଶାଳୀ ନାମ ନେଲେ ହିଁ ସବୁ ସମ୍ଭବ ହୋଇ ଯାଇଥାଏ...!!

ରାମସେନା ଆଗକୁ ବଢିବା ସହିତ ରାବଣର ଦୁଶ୍ଚିନ୍ତା ମଧ୍ୟ ବଢ଼ି ଚାଲିଥିଲା। ତା ସହିତ ବଢ଼ି ଚାଲିଥିଲା ସୀତା ମାତାଙ୍କ ଆଶା ଭରସା।ଆଉ ତ୍ରିଜଟା ମଧ୍ୟ ନିଜର ଅଦ୍ଭୁତ ସ୍ୱପ୍ନ ଦ୍ୱାରା ଭବିଷ୍ୟବାଣୀ କରି ଦେଇଥିଲା ଯେ ଲଙ୍କାର ପତନ ସନ୍ନିକଟ ହେଇ ସାରିଛି।

ତୁମ ସେନା ଲଙ୍କାରେ ପହଞ୍ଚିବା ପରେ ତୁମର ଶରଣାଗତ ହୋଇ ମାତାଙ୍କୁ ଫେରେଇ ଦେବା ପାଇଁ ବିଭୀଷଣ ରାବଣକୁ ପରାମର୍ଶ ଦେଇଥିଲେ। ଆଉ ସେହି କଥା ଶୁଣି କ୍ରୋଧିତ ହୋଇ ରାବଣ ତାଙ୍କୁ ଲଙ୍କାରୁ ବିତାଡିତ କରି ଦେଇଥିଲା। ସେ ତୁମ ଶରଣକୁ ଆସି ଯାଇଥିଲେ। କାରଣ ସେ ଜାଣିଥିଲେ ଯେ ତୁମେ ସ୍ୱୟଂ ଶ୍ରୀବିଷ୍ଣୁ।ଶତ୍ରୁର ଭାଇ ହୋଇ ମଧ୍ୟ ତାଙ୍କୁ ତୁମ ପାଦତଳେ ଆଶ୍ରୟ ମିଳିବ ବୋଲି ସେ ନିଶ୍ଚିତ ଥିଲେ କାରଣ ସେ ଜାଣିଥିଲେ ଯେ କେହି ବି ଧର୍ମ ତ୍ୟାଗ କରେନାହିଁ ତୁମେ ତାକୁ କେବେ ତ୍ୟାଗ କରନାହିଁ। ତେଣୁ ରାବଣ ଠାରୁ ଅପମାନିତ ହୋଇ ସେ ସିଧା ତୁମ ଅଜୟ ସେନା ଦଳରେ ଯୋଗ ଦେଇଥିଲେ। ତୁମେ ମଧ୍ୟ ତାଙ୍କୁ ଲଙ୍କାର ରାଜା ବୋଲି ସମ୍ବୋଧନ କରି ତାଙ୍କର ପ୍ରତୀକାତ୍ମକ ଅଭିଷେକ କରିଥିଲ।

ତୁମ ସେନା ଲଙ୍କାରେ ଅବସ୍ଥାନ କରିବା ପରେ ରାବଣ ନିଜ ରାଜ୍ୟବାସୀଙ୍କ ମନରେ ଏକ ଭୟ ଭାବ ସ୍ପଷ୍ଟ ଦେଖି ପାରୁଥିଲା। ଆଉ ସେମାନଙ୍କୁ ମନୋବଳ ଦେବା ପାଇଁ ନୃତ୍ୟ ଗୀତର ଆସର ଜମେଇ ମଜା ମଜଲିସ କରୁଥିଲା। ସେତିକି ବେଳେ ତାକୁ କ୍ଷମା ମାଗିବା ପାଇଁ ଏବଂ ପଶ୍ଚାତାପ କରିବା ପାଇଁ ଏକ ଅନ୍ତିମ ଅବସର ଦେବାକୁ ତୁମେ ନିଷ୍ପତ୍ତି ନେଇଥିଲ ଯେ ତାକୁ ଏକ ସୁଯୋଗ ଦେବ। ସତରେ ପ୍ରଭୁ...ଏତେ କଷ୍ଟ ସହିବା ପରେ ମଧ୍ୟ ତୁମେ ରାବଣ ପରି ଏକ ଅନ୍ୟାୟୀକୁ ସୁଯୋଗ ଦେବାକୁ ଭାବିବା ହିଁ ଜଣେଇ ଦିଏ...ତୁମେ ସତରେ ଭୁଲରେ ବି ଭୁଲକୁ ପ୍ରଶ୍ରୟ ଦିଅନି କେବେ।

ନିଜେ ବାଳୀପୁତ୍ର ଅଙ୍ଗଦ ଅତି ଆଗ୍ରହ ସହକାରେ ରାବଣ ପାଖକୁ ତୁମର ସନ୍ଦେଶ ନେଇ ବାହାରିଲେ। ସେ ରାଜସଭାରେ ପହଞ୍ଚିବା ପରେ ତାଙ୍କୁ ଉପଯୁକ୍ତ ସମ୍ମାନ ତଥା ଆସନ ଦିଆ ନ ଯିବାରୁ ସେ ନିଜ ଲାଙ୍ଗୁଡ ସାହାଯ୍ୟରେ ଏକ ବିରାଟ ଆସନ ନିର୍ମାଣ କରି ତା ଉପରେ ଯାଇ ବସିଥିଲେ। ସେହି ଆସନ ରାବଣର ସିଂହାସନଠାରୁ ମଧ୍ୟ ଉଚ୍ଚା ହୋଇ ଯାଇଥିଲା।

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# ଅମୃତ କୁମ୍ଭର ସନ୍ଧାନରେ ଜଣେ ବିଦେଶିନୀ



## ପ୍ରଦୀପ କୁମାର ରାୟ

ଦେଶ ସ୍ୱାଧୀନ ହେବାକୁ ତଥାପି ବାର ବର୍ଷ ବାକି । ଦିନେ ବଡ଼ି ଭୋଅରୁ କଲିକତା (କୋଲକାତା) ର ହିନ୍ଦୁ ମିଶନ୍‌ର ସଭାପତି ସ୍ୱାମୀ ସତ୍ୟାନନ୍ଦଙ୍କ ପାଖରେ ଆସି ପହଞ୍ଚିଲେ ଜଣେ ବିଦେଶିନୀ । ଧଳା ଶିଲ୍କ ଶାଢ଼ି ପରିହିତା ନୀଳ ନୟନା ସୁନ୍ଦରୀ ନିଜର ପରିଚୟ ଦେଲେ ହିଟଲର୍‌ଙ୍କ ଅନୁରାଗିଣୀ ବୋଲି । ମହାମାନ୍ୟ ଫୁୟେରାର ଆର୍ଯ୍ୟ ଜାତିର ଯେଉଁ ଜୟପତାକା ସମଗ୍ର ବିଶ୍ୱରେ ଉଡ଼ାଇବାକୁ ଚାହୁଁଛନ୍ତି, ସେହି ଆର୍ଯ୍ୟମାନଙ୍କର ବାସ ଭାରତରେ । ଆଗନ୍ତୁକାଙ୍କର ଦୃଢ଼ ବିଶ୍ୱାସ, ଆର୍ଯ୍ୟ ଜାତି ଯେ ପୃଥିବୀ ଶ୍ରେଷ୍ଠ, ସମଗ୍ର ବିଶ୍ୱକୁ ତାହା ଦେଖାଇ ପାରିବ ଭାରତବର୍ଷ ଏବଂ ସନାତନ ହିନ୍ଦୁ ଧର୍ମ। ସେଥିପାଇଁ ତାଙ୍କର ଭାରତକୁ ଆଗମନ । ସତ୍ୟାନନ୍ଦ ସେହି ବିଦେଶିନୀଙ୍କ କଥାରେ ମୁଗ୍ଧ ହୋଇ ତାଙ୍କୁ ଶିକ୍ଷା ଓ ଧର୍ମ ପ୍ରଚାର କାର୍ଯ୍ୟରେ ନିୟୋଜିତ କଲେ ।

ସେହି ବିଦେଶିନୀଙ୍କ ଜନ୍ମ ହୋଇଥିଲା ଫ୍ରାନ୍ସର ଲିୟଁ ସହରରେ, ପିତାମାତାଙ୍କ ପ୍ରଦତ୍ତ ନାମ ଥିଲା ମ୍ୟାକ୍ସିମିୟାନି ପୋର୍ଟାସ । ତାଙ୍କର ମା ଥିଲେ ଇଂରେଜ ଏବଂ ବାପା ଥିଲେ ଇଟାଲୀୟ । ପିଲାଦିନରୁ ହିଁ ସେ ଥିଲେ ଜର୍ମାନ ପ୍ରିୟ । ହିଟଲର୍‌ଙ୍କ ରଚିତ 'ମାଇନ୍ କାମ୍ପ' ପଢ଼ି ଆର୍ଯ୍ୟମାନଙ୍କର ଶ୍ରେଷ୍ଠତା ସମ୍ପର୍କରେ ଜାଣିବାକୁ ପାଇଥିଲେ । ତାପରେ ଜର୍ମାନ ପ୍ରତ୍ନତାତ୍ତ୍ୱିକ ହାଇନରିଖ ସ୍ଲାଇମେନ୍‌ଙ୍କ କାର୍ଯ୍ୟ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଟ୍ରୟରେ ଏବଂ ଜର୍ମାନୀର କିଛି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ନମୂନାରେ ସେ ସ୍ୱସ୍ତିକ ଚିହ୍ନକୁ ଆବିଷ୍କାର କରିଥିଲେ । ତାଙ୍କର ଅନୁମାନ, ସ୍ୱସ୍ତିକ ହିଁ ଜର୍ମାନୀର ଟିଉଟନ୍ ମାନଙ୍କ ସହିତ ହୋମରଙ୍କ ସମୟର ଗ୍ରିସ୍ ଓ ବୈଦିକ ଭାରତର ଯୋଗସୂତ୍ର ସ୍ଥାପିତ ହୋଇଥିଲା । ସ୍ଲାଇମେନଙ୍କ ତତ୍ତ୍ୱ ଖୁବ୍ ପ୍ରଚାର ଲାଭ କରିଥିଲା, ସ୍ୱସ୍ତିକ ମଧ୍ୟ ହୋଇ ଉଠିଥିଲା ୟୁରୋପରେ ଆର୍ଯ୍ୟମାନଙ୍କର ପ୍ରତୀକ । ସେହି ୟୁରୋପୀୟ ଆର୍ଯ୍ୟମାନଙ୍କର ବଂଶଧର ମାନଙ୍କୁ ଦେଖିବାର ଆଶା ନେଇ ମ୍ୟାକ୍ସିମିୟାନି ସମୁଦ୍ର ଯାତ୍ରା ଆରମ୍ଭ କରିଥିଲେ । ତାଙ୍କର ବିଶ୍ୱାସ ଯେ ହିଟଲର୍ ହିଁ ସ୍ୱୟଂ ଏହି ଯୁଗରେ ଶ୍ରୀକୃଷ୍ଣଙ୍କର ଅବତାର ।

ସତେଇଶ ବର୍ଷ ବୟସରେ ସେ ମାର୍ସେଇ ବନ୍ଦରରୁ ଦିନେ ଭାରତାଭିମୁଖୀ ଜାହାଜରେ ବସି ପଡ଼ିଥିଲେ । ଏତେଦିନ ବହି ପଢ଼ି ଜାଣିଥିବା ହିନ୍ଦୁ ଧର୍ମ ଓ ସଂସ୍କୃତି ସମ୍ପର୍କରେ ପ୍ରତ୍ୟକ୍ଷ ଜାଣିବାର ଆଗ୍ରହ ତାଙ୍କ ଭିତରେ ପ୍ରବଳ ରୁ ପ୍ରବଳ ହେଉଥିଲା। ଶ୍ରୀଲଙ୍କାରେ ପହଞ୍ଚି ସେଠାରୁ ନୌକାରେ ସିଧା ଦକ୍ଷିଣ ଭାରତର ରାମେଶ୍ୱରମ୍‌ରେ ଆସି ଓହ୍ଲାଇଲେ।

ସେତେବେଳେ ରାମେଶ୍ୱରମ୍ ସହରରେ ଶ୍ରୀରାମଙ୍କ ପୂଜା ଚାଲିଛି । ମ୍ୟାକ୍ସିମିୟାନି ରାମାୟଣ ପଢ଼ି ଜାଣିଥିଲେ ଯେ ରାମଚନ୍ଦ୍ର ଲଙ୍କା ବିଜୟ ପରେ ଏହି ପଥ ଦେଇ ଫେରିଥିଲେ । ରାମଙ୍କର ଲଙ୍କା ବିଜୟ ଅର୍ଥାତ ଆର୍ଯ୍ୟ ହାତରେ ଦ୍ରାବିଡର ପରାଜୟ । ଆର୍ଯ୍ୟ ଜାତିର ଶ୍ରେଷ୍ଠତ୍ୱ ସମ୍ପର୍କରେ ତାଙ୍କର ବିଶ୍ୱାସ ଅଟଳ । ସେ ନିଷ୍ପତ୍ତି ନେଲେ ଯେ ଭାରତବର୍ଷ ହିଁ ହେବ ତାଙ୍କର କର୍ମଭୂମି । ଭାରତବର୍ଷରେ ରହି ସନାତନ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ।

୧୯୩୫ ମସିହା ଜୁଲାଇ ମାସରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ରହିଲେ ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନରେ । ଶାନ୍ତିନିକେତନରେ ଅବସ୍ଥାନ କାଳରେ ଶିଖିଲେ ବାଂଲା ଓ ହିନ୍ଦୀ । ତାପରେ ପୁଣ୍ୟଭୂମି ମଥୁରାକୁ ତୀର୍ଥ କରିବାକୁ ଯାଇ ଦୀକ୍ଷା ନେଲେ କୃଷ୍ଣ ମନ୍ତ୍ରରେ । ତାଙ୍କର ନାମ ମଧ୍ୟ ବଦଳିଗଲା । ମ୍ୟାକ୍ସିମିୟାନି ପୋର୍ଟାସ ହୋଇଗଲେ ସାବିତ୍ରୀ ଦେବୀ । ପୋଷାକ ଠାରୁ ଆରମ୍ଭ କରି ଆହାର - ସବୁଥିରେ ହିଁ ହୋଇ ଉଠିଲେ ପରମ ସାତ୍ତ୍ୱିକ ।



୧୯୩୬ ମସିହାରୁ ସାବିତ୍ରୀ ଦେବୀ କଲିକତା (କୋଲକାତା)ରେ ରହିବାକୁ ଲାଗିଲେ । କୋଲକାତାରେ ଗୋଟିଏ ବିଶେଷ ଜିନିଷ ତାଙ୍କୁ ଅଭିଭୂତ କରି ତୋଳିଥିଲା । ସେ ଲକ୍ଷ୍ୟ କରିଥିଲେ ଯେ ଯେଉଁ ପରିବାରରେ ଖାଇବାର ଭୀଷଣ ଅଭାବ, ସେଭଳି ପରିବାରରେ ମଧ୍ୟ ଗୋଟିଏ ବହି ଥାକ ଅଛି ଏବଂ ଅନ୍ୟାନ୍ୟ ବହି ସହିତ ରହିଛି ସଂସ୍କୃତ ରାମାୟଣର ପ୍ରାଚୀନ ସଂସ୍କରଣ । ସାବିତ୍ରୀଙ୍କର ଦୃଢ଼ ସଂକଳ୍ପ ଥିଲା, ହିନ୍ଦୁ ଧର୍ମର ସୁରକ୍ଷା କରିବାକୁ ହେବ, କାରଣ ବିଶ୍ୱରେ କେବଳ ଭାରତବର୍ଷ ହିଁ ଏକମାତ୍ର ସ୍ଥାନ ଯେଉଁଠାରେ ଆର୍ଯ୍ୟ ଐତିହ୍ୟ ପ୍ରଜ୍ୱଳିତ ହୋଇ ତଥାପି ରହିଛି ।

୨୨୦ ନମ୍ବର ଲୋୟର ସାର୍କୁଲାର୍ ରୋଡ୍ ଥିଲା ସାବିତ୍ରୀ ଦେବୀ ଙ୍କ ଠିକଣା । 'ଗଣେଶ ମେନସନ୍' ନାମକ ଗୋଟିଏ ଘରୁ ପ୍ରତିଦିନ ଅଧଘଣ୍ଟା ଚାଲି ଚାଲି କାମ କରିବା ପାଇଁ ଆସୁଥିଲେ କାଳିଘାଟ ହିନ୍ଦୁ ମିଶନ୍ ଅଫିସକୁ । ୧୯୩୭ ମସିହାରେ ତାଙ୍କର ସାକ୍ଷାତ ହୋଇଥିଲା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସହିତ । ନେତାଜୀଙ୍କ ଜାତୀୟବାଦୀ ଭାବନା ପ୍ରତି ସାବିତ୍ରୀ ଦେବୀଙ୍କର ପ୍ରବଳ ଅନୁରକ୍ତି ଥିଲା ।

୧୯୩୮ ମସିହାରେ ସାବିତ୍ରୀ ଦେବୀଙ୍କର ପରିଚୟ ହୋଇଥିଲା ଅସିତକୃଷ୍ଣ ମୁଖୋପାଧ୍ୟାୟଙ୍କ ସହିତ । ସେ ଥିଲେ ଜଣେ କଟ୍ଟର ଜର୍ମାନପନ୍ଥୀ, କୋଲକାତାରେ ତତ୍କାଳୀନ ଜର୍ମାନ ଦୂତାବାସର ସହଯୋଗରେ 'ଦ ନିୟୁ ମର୍କରୀ' ନାମରେ ଗୋଟିଏ ନ୍ୟାସନାଲ ସୋସିୟାଲିଷ୍ଟ ପତ୍ରିକା ପ୍ରକାଶ ପାଉଥିଲା, ଅସିତକୃଷ୍ଣ ଥିଲେ ସେହି ପତ୍ରିକାର ପ୍ରକାଶକ ଓ ସମ୍ପାଦକ । ତାହା ଥିଲା ସମଗ୍ର ଭାରତବର୍ଷରେ ଏକମାତ୍ର ନାତ୍ସି ପତ୍ରିକା। ସେହି ପତ୍ରିକାରେ ମଧ୍ୟ ସେ ସନାତନ ଧର୍ମର ଶ୍ରେଷ୍ଠତ୍ୱ ପ୍ରଚାର କରୁଥିଲେ ।

ଲ୍ୟାନ୍ସଡାଉନ୍ ରୋଡ଼ର ଜର୍ମାନ କନ୍ସୁଲେଟ୍‌କୁ ଅସିତ କୃଷ୍ଣ ପ୍ରାୟ ଆସୁଥିଲେ । ହିଟଲର୍ ଏବଂ ଥାର୍ଡ ରାଇଖ ବିଷୟରେ ଲେଖା ନାନା ଖବର ସେଠାରୁ ସଂଗ୍ରହ କରି ତାଙ୍କ ପତ୍ରିକାରେ ପ୍ରକାଶ କରୁଥିଲେ । ସାବିତ୍ରୀ ଦେବୀ ମଧ୍ୟ ଲେଖାଲେଖି କରୁଥିଲେ । ହିନ୍ଦୁ ମିଶନ୍‌ରୁ ତାଙ୍କର ପୁସ୍ତକ A warning to the Hindus ୧୯୩୯ ମସିହାରେ ପ୍ରକାଶ ପାଇଥିଲା । ଏହି ବହିରେ ସେ ବିସ୍ତୃତ ଭାବରେ ହିନ୍ଦୁ ଧର୍ମ ପ୍ରତି ଥିବା ବିପଦର ଆଲୋଚନା କରିଥିଲେ ।

୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ଫଳରେ ବ୍ରିଟିଶ ସରକାର ଦ ନିୟୁ ମର୍କରି ପତ୍ରିକାର ପ୍ରକାଶନ ବନ୍ଦ କରିଦେଲେ। ୧୯୪୦ ମସିହା ଜୁନ୍ ୯ ତାରିଖ ଦିନ ହିନ୍ଦୁ ରୀତିରେ ଅସିତକୃଷ୍ଣଙ୍କ ସହିତ ସାବିତ୍ରୀ ଦେବୀଙ୍କର ବିବାହ ହେଲା । ସାବିତ୍ରୀ ଦେବୀ ହେଲେ ସାବିତ୍ରୀ ଦେବୀ ମୁଖାର୍ଜୀ ।

କୋଲକାତାରେ ଜାପାନୀ କନସଲ୍‌ଙ୍କ ସହିତ ଅସିତ କୃଷ୍ଣ ଏବଂ ସାବିତ୍ରୀ ଦେବୀଙ୍କର ଯୋଗାଯୋଗ ଥିଲା । ୧୯୩୮ ମସିହାରେ ଅସିତ୍ ବାବୁଙ୍କ ସହାୟତାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସହିତ ସାକ୍ଷାତ ହୁଏ ଜାପାନୀ ବିଦେଶ ମନ୍ତ୍ରାଳୟର ଅଫିସର ଅହିସାଙ୍କର କୋଲକାତା ଠାରେ । ଅସିତ୍ ବାବୁଙ୍କ ଯୋଗାଯୋଗ ସୂତ୍ରରେ ହିଁ ୧୯୪୦ ମସିହାରେ ନେତାଜୀ, ରାସବିହାରୀ ବସୁ ଏବଂ ଜାପାନୀ ମାନଙ୍କର ଜନୈକ ଦୂତକୁ ଜାପାନ ପଠାଇବାରେ ସକ୍ଷମ ହୁଅନ୍ତି

ଜାପାନୀଙ୍କ ତରଫରୁ ଗୁପ୍ତଚର ଭାବରେ କାର୍ଯ୍ୟ କରୁଥିଲେ ମୁଖାର୍ଜୀ ଦମ୍ପତି । ଚୌରଙ୍ଗୀ ଟେରେସର ଇଷ୍ଟ ଏଣ୍ଡ ୱେଷ୍ଟ କ୍ଲବକୁ ଆସୁଥିବା ମିତ୍ରଶକ୍ତିର ଅଫିସର ମାନଙ୍କୁ ସ୍ୱାମୀଙ୍କ ସହିତ ଆଳାପ କରାଇ ଦେବାର ବାହାନା କରି ସାବିତ୍ରୀ ଦେବୀ ଘରକୁ ନିମନ୍ତ୍ରଣ କରୁଥିଲେ। ଖାଦ୍ୟ ପାନୀୟ ଦ୍ୱାରା ସେମାନଙ୍କୁ ଆପ୍ୟାୟିତ କରି ମୁଖାର୍ଜୀ ଦମ୍ପତି ଏଭଳି ଅଭିନୟ କରୁଥିଲେ ଯେପରି ସେମାନେ ପ୍ରବଳ ମାତ୍ରାରେ ଜର୍ମାନ ବିରୋଧୀ । କୋଲକାତାର ଏକ ଉଚ୍ଚ ବର୍ଗର ବ୍ରାହ୍ମଣ ଦମ୍ପତି ଯେ ଅସଲରେ ନାତ୍ସି ଭକ୍ତ, ମାର୍କିନ ଅଫିସରମାନେ ଆଦୌ କଳ୍ପନା ମଧ୍ୟ କରି ପାରୁନଥିଲେ । ଫଳରେ ସେମାନଙ୍କ ପାଖରୁ ଅନାୟାସରେ ଗୁପ୍ତ ତଥ୍ୟ ସଂଗ୍ରହ କରୁଥିଲେ ମୁଖାର୍ଜୀ ଦମ୍ପତି ଏବଂ ଅସିତ୍ ବାବୁ ଗୁପ୍ତଚର ମାନଙ୍କ ମାର୍ଫତରେ ବର୍ମାରେ ଥିବା ଜାପାନୀ ଅଫିସର ମାନଙ୍କ ପାଖକୁ ପଠାଉଥିଲେ । ଏହା ଫଳରେ ମିତ୍ରଶକ୍ତିର କେତୋଟି ଗୁପ୍ତ ଏରୋଡ୍ରାମ ବୋମାମାଡ କରି ଉଡ଼ାଇ ଦେବା ସମ୍ଭବ ହୋଇଥିଲା ଏବଂ ଜାପାନୀ ସେନା ବର୍ମା ଦଖଲ କରିବାରେ ସଫଳ ହୁଅନ୍ତି ।

ସାବିତ୍ରୀ ଏବଂ ଅସିତ୍‌ଙ୍କର ବିଶ୍ୱାସ ଥିଲା, ଜର୍ମାନ ଫୌଜ ସୋଭିଏତ ୟୁନିୟନ, ଇରାନ, ଆଫଗାନିସ୍ତାନ ଧ୍ୱଂସ କରି ଭାରତରେ ପ୍ରବେଶ କରିବେ ଏବଂ ସେମାନଙ୍କ ଆକ୍ରମଣରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯିବ ଇଂରେଜ ସୈନ୍ୟବାହିନୀ । କିନ୍ତୁ ଫଳ ଓଲଟା ହୋଇଥିଲା । ଜର୍ମାନୀର ପରାଜୟ ସାବିତ୍ରୀ ଦେବୀ ସହ୍ୟ କରି ପାରିଲେ ନାହିଁ । ସେ ଚାଲିଗଲେ ଦକ୍ଷିଣ ଭାରତକୁ ।



ଗୋଟିଏ ବର୍ଷ ପରେ କୋଲକାତାକୁ ଫେରି ଆସିଲେ ସାବିତ୍ରୀ ଦେବୀ । ସିଦ୍ଧାନ୍ତ ନେଲେ ଯେ ୟୁରୋପ ଫେରିଯିବେ । ୧୯୪୫ ମସିହାରେ ୟୁରୋପ ଚାଲିଗଲେ । କିନ୍ତୁ ପୁନଶ୍ଚ ୧୯୭୧ ମସିହାରେ ଫେରି ଆସିଲେ ଭାରତକୁ। ଅସିତ୍ ବାବୁ ସେତେବେଳେ ଦିଲ୍ଲୀ ବାସିନ୍ଦା । ଦିଲ୍ଲୀରେ ଗୋଟିଏ ଛୋଟ ଫ୍ଲାଟରେ ରହୁଥିଲେ ସେମାନେ । ସଂସାରର ଗୁଜୁରାଣ ମେଣ୍ଟାଉଥିଲେ ସାବିତ୍ରୀ ଦେବୀଙ୍କ ସାମାନ୍ୟ ଫରାସୀ ପେନସନ୍ ଦେଇ । ସାବିତ୍ରୀ ଦେବୀ ଲେଖାଲେଖିରେ ମନୋନିବେଶ କରନ୍ତି । ୧୯୭୭ ମସିହା ମାର୍ଚ୍ଚ ୨୧ ତାରିଖ ଦିନ ଅସିତ୍ ବାବୁ ମୃତ୍ୟୁବରଣ କରନ୍ତି । ସାବିତ୍ରୀ ଦେବୀଙ୍କର ଦୃଷ୍ଟି ଶକ୍ତି କ୍ରମଶଃ କ୍ଷୀଣ ହୋଇଯାଏ । ସେହି ଅବସ୍ଥାରେ ମଧ୍ୟ ସେ ୟୁରୋପ ଏବଂ ଆମେରିକାର ନିଓ ନାଜୀମାନଙ୍କ ସହିତ କାମ କରି ଚାଲିଥିଲେ ।

୧୯୮୧ ମସିହାରେ ତାଙ୍କର ଅନୁରାଗୀମାନେ ତାଙ୍କୁ ଚିକିତ୍ସା ପାଇଁ ଜର୍ମାନୀ ଯିବାକୁ ଅନୁରୋଧ କରନ୍ତି । ଠିକ୍ ସେତିକିବେଳେ ଆମେରିକାରେ ଗୋଟିଏ ବକ୍ତୃତା ଦେବା ପାଇଁ ସେ ଆମନ୍ତ୍ରିତ ହୁଅନ୍ତି ଆମେରିକା ଯିବା ପଥରେ ଇଂଲଣ୍ଡର ଏସେକ୍ସରେ ରହୁଥିବା ଜଣେ ବନ୍ଧୁଙ୍କୁ ସାକ୍ଷାତ କରିବା ପାଇଁ ଅଟକି ଯାଆନ୍ତି । ଇଂଲଣ୍ଡର ପ୍ରଚଣ୍ଡ ଶୀତରେ ମଧ୍ୟ ଦେହରେ ତାଙ୍କର ଧଳା ଶାଢ଼ୀ । ସେହି ବନ୍ଧୁଙ୍କ ବାସଗୃହରେ ୧୯୮୨ ମସିହା ଡିସେମ୍ବର ୭ ତାରିଖ ଦିନ ମୃତ୍ୟୁ ବରଣ କରନ୍ତି ସାବିତ୍ରୀ ଦେବୀ ।

ହିନ୍ଦୁ ରୀତିରେ ହିଁ ତାଙ୍କର ଶବ ସତ୍କାର କରାଯାଏ ଏବଂ ତାଙ୍କର ଭସ୍ମାବଶେଷ ସମଗ୍ର ବିଶ୍ୱ ଭ୍ରମଣ କରାଇବା ପରେ ଆର୍ଲିଂଟନ୍‌ର ନାତ୍ସି ହଲ୍ ଅଫ୍ ଅନର୍ ଠାରେ ସଂରକ୍ଷିତ ହୁଏ - ମ୍ୟାକ୍ସିମିୟାନି ପୋର୍ଟାସ ଭାବରେ ନୁହେଁ, ସାବିତ୍ରୀ ଦେବୀ ମୁଖାର୍ଜୀ, ହିଟଲରଙ୍କର ଆର୍ଯ୍ୟ ଭାରତୀୟ ସନ୍ୟାସିନୀ ପରିଚୟରେ ।


ଋଣ ସ୍ୱୀକାର -- **Hitler's Priestess: Savitri Devi, the Hindu-Aryan Myth - By Srabani Basu**

## ପଢିବା ପରେ...

# ଜୀବନର ମଞ୍ଜି- କାହାଣୀ: ଦୀନବନ୍ଧୁ ଅଧିକାରୀଙ୍କର 'ଆତ୍ମଲିପିରେ ଅନ୍ତର୍ବେଦନା'

## ସୁପ୍ରିୟା ମଲ୍ଲିକ

ଧୀମାନ ଦୀନବନ୍ଧୁ ଅଧିକାରୀଙ୍କର ଆତ୍ମଜୀବନୀ ଅଧିକାରୀ ବ୍ରଦର୍ସ ଟ୍ରଷ୍ଟ ଦ୍ୱାରା ୨୦୨୫ ମସିହାରେ ପ୍ରକାଶିତ ହୋଇଛି । ଓଡ଼ିଶା ସରକାରଙ୍କର ଡେପୁଟୀ ଲେବର କମିଶନର ପଦରୁ ଅବସର ନେବା ପରେ, ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକୁ ୫୨ ପୃଷ୍ଠାର ପୁସ୍ତକ ରୂପେ ସେ ପ୍ରକାଶ କରିଛନ୍ତି । ଏହି ପୁସ୍ତକର ନାମ ରହିଛି 'ଆତ୍ମଲିପିରେ ଅନ୍ତର୍ବେଦନା' ।




ମଣିଷ ଜୀବନର ଅନିବାର୍ଯ୍ୟ ଅଂଶ ହେଉଛି ଦୁଃଖ । ଦୁଃଖ, ବେଦନା, ଅବସୋସକୁ ଅତିକ୍ରମ କରି ବଞ୍ଚୁଥିବା ମଣିଷ ପୃଥିବୀରେ ବିରଳ । କିନ୍ତୁ ସବୁଲୋକ ଜୀବନର ମାର୍ମିକ ଦିଗଟିକୁ ଉନ୍ମୁକ୍ତ କରିଦେବାର ସାମର୍ଥ୍ୟ ଓ ସାହସ ରଖନ୍ତି ନାହିଁ । ସୃଜନଶୀଳତା ଓ ସାରସ୍ୱତ ଅଭିବ୍ୟକ୍ତି କେତେ କେତେ ମାଧ୍ୟମରେ ସଞ୍ଚରିତ କରିଆଣେ ଦୁଃଖକୁ । ଦୀନବନ୍ଧୁଙ୍କର ସର୍ଜନାତ୍ମକ ମାନସ ଦୁଃଖ ଓ ବେଦନାକୁ ସାହସର ସହିତ ଉନ୍ମୁକ୍ତ କରିଦେବାରେ ସହାୟକ ହୋଇଛି । ଥାକଥାକ କରି ସଜାଡ଼ି ଲେଖିଛନ୍ତି ସେ ଜୀବନ- ଆରମ୍ଭର ଅନ୍ଧକାର ପୃଥ୍ୱୀ ଠାରୁ 'ଜାତିବିହୀନ ସମାଜ'ର ସାମ୍ବିଧାନିକ ପରିକଳ୍ପନା ପର୍ଯ୍ୟନ୍ତ ସବୁକିଛି । ବାଲ୍ୟକାଳର କଠୋର ଜୀବନର କଷ୍ଟ, ଶିକ୍ଷାର୍ଥୀ ଜୀବନର ଯନ୍ତ୍ରଣା, ମା'ଙ୍କର ଜୀବନ-ସଂଘର୍ଷ ଓ ତଜ୍ଜନିତ ଜ୍ୱାଳା ଯନ୍ତ୍ରଣା, ଗ୍ରାମ୍ୟ-ଜୀବନର ସମସ୍ୟା ଜର୍ଜରିତ ଅନୁଭବ, ଚାକିରୀ କ୍ଷେତ୍ରରେ ପ୍ରବଞ୍ଚନା ଓ ଅବସୋସ, ସାମାଜିକ ଭେଦଭାବର ନିର୍ମମ ଅନୁଭୂତି ଓ ୨୦୦୬ ମସିହାରେ ଟ୍ରେନ୍ ଦୁର୍ଘଟଣାରେ ମେରୁଦଣ୍ଡରେ ଆଘାତ ସମ୍ବନ୍ଧୀୟ ବହୁ ଘଟଣା ପୁସ୍ତକରେ ସୃଷ୍ଟି କରିଛି ବେଦନାର ବଳୟ ।

ବେଦନାର ଅଭିବ୍ୟକ୍ତି ପାଇଁ ଭାଷାର ଅଭାବ ପଡ଼େ। କିନ୍ତୁ ଲେଖକଙ୍କର ଭାଷା ମୁକ୍ତ ଓ ସ୍ୱଚ୍ଛନ୍ଦ । ଜୀବନର ଭାଷାରେ ନିଜର ବାଲ୍ୟ ଅନୁଭୂତି ଗୁଡ଼ିକୁ ପ୍ରକାଶ କରିଛନ୍ତି ଲେଖକ । ଜୀବନର ଭାଷା ମୁକ୍ତ । ଜୀବନ ଛନ୍ଦକପଟ କରେ ନାହିଁ । ଜୀବନ ତ କେବଳ ଛନ୍ଦ କରୁଥାଏ, ଷଡ଼ଯନ୍ତ୍ର କରୁଥାଏ ବଞ୍ଚିବା ପାଇଁ । କିନ୍ତୁ



ଜୀବନ ସ୍ୱତଃ ପ୍ରବହମାନ । ଠିକ୍ ସେହିଭଳି ଆତ୍ମଜୀବନୀର ଭାଷା ସ୍ୱତଃ ପ୍ରବହମାନ। ମୁକ୍ତ, ସାବଲୀଳ, ସୁନ୍ଦର ଓ ସରଳ। ଶବ୍ଦ ବ୍ୟଞ୍ଜନରେ ଓଜନିଆ ହୋଇ ମନ ଉପରେ କୌଣସି ଚାପ ସୃଷ୍ଟି କରେନାହିଁ, ତାଙ୍କର ପୁସ୍ତକର ଭାଷା ବରଂ ପାଠକକୁ ଟାଣିନିଏ ଆଗକୁ ଆଗକୁ। ଥରେ ପଢ଼ିବା ଆରମ୍ଭ କଲେ, ଶେଷ ପର୍ଯ୍ୟନ୍ତ ବହିଟିକୁ ଛାଡ଼ିହୁଏ ନାହିଁ ।

ଚିଲିକା କୂଳର ଗାଁ ସାବୁଲିଆରେ ଜନ୍ମ ଦୀନବନ୍ଧୁଙ୍କର । ଗ୍ରାମ୍ୟ ସଂସ୍କୃତି ଓ ଚିଲିକାର ପ୍ରାକୃତିକ ଐଶ୍ୱର୍ଯ୍ୟ, ଶୋଷଣ କଷଣର ଅନୁଭବ ଓ ପରିପୂର୍ଣ୍ଣ ପ୍ରାକୃତିକ ଆଶୀର୍ବାଦ ଉଭୟର ସଂଶ୍ଳେଷଣରେ ପୁଷ୍ଟ ହୋଇଛି ତାଙ୍କର ଲେଖକୀୟ ସତ୍ତା ଏବଂ ଅଭିବ୍ୟକ୍ତିର ଭାଷା । ସେଥିପାଇଁ ପୁସ୍ତକର ଭାଷା ଚିଲିକାମୟ, ଜଳମୟ, ମାଛମୟ, ମଣିଷ-ପ୍ରକୃତିର କ୍ରୀଡ଼ାମୟ ଜୀବନ୍ମୟ ଓ ସୁନ୍ଦର । କନକକୋଣରେ ଭୁତଭୟ, ରାହାଣ କୋଣରେ ବାଡ଼େଇ ହୋଇ ଅଟକି ଯାଉଥିବା ଡଙ୍ଗା ଭିତରେ ଅଧିକାରୀଙ୍କର ବାଲ୍ୟ ଦୋଳାୟମାନ । ପବନର ହାୱାରେ ବିପଦରେ ପଡ଼ିଥିବା ଡଙ୍ଗାରେ ଶିଶୁ ଦୀନବନ୍ଧୁଙ୍କର କଷ୍ଟ । ଡଙ୍ଗା ହଲିବା ଦ୍ୱାରା ତାଙ୍କର ବାନ୍ତି ହୋଇଯାଏ । ସେତେବେଳକୁ ସେ ଚାରିପାଞ୍ଚବର୍ଷର ଛୋଟ ଶିଶୁ। ଅଥଚ ପୋଡ଼ଖିଆ ଜାଆଣ ଠାରୁ ସାବୁଲିଆ ଗାଁ ପର୍ଯ୍ୟନ୍ତ ୫୦ କି.ମି ପଥ ପାଦରେ ଚାଲି ଚାଲି ଅତିକ୍ରମ କରିବାକୁ ପଡ଼େ । ଖରାଦିନରେ ନଈ ଶୁଖିଯାଏ । ଡଙ୍ଗା ଚାଲିପାରେ ନାହିଁ । ଡଙ୍ଗାକୁ ପୋଡ଼ଖିଆ ଦାଆଣରେ ଛାଡ଼ି ବାହାଣିଆ ମାନଙ୍କ ସହିତ ଫେରିବାକୁ ହୁଏ । ଶିଶୁ ଅବସ୍ଥାରେ ସାମ୍ନା କରିଛନ୍ତି କାଳବୈଶାଖୀ, ବାସନ ମାଜିଛନ୍ତି, ଗୋଡ଼ ଘଷିଛନ୍ତି, ପାଣିରେ ବୁଡ଼ିଯିବା ବେଳେ ତାଙ୍କର ଚୁଟିଧରି ଟାଣି ଆଣିଛନ୍ତି ଲୋକେ, ବଞ୍ଚାଇଛନ୍ତି ପିତୃହରା ଦୀନବନ୍ଧୁଙ୍କୁ । ପାଠପଢ଼ା ଆରମ୍ଭ ହୁଏ ଗାଁ ସ୍କୁଲରେ, ସୁନ୍ଦର ପରିବେଶ ପରିସ୍ଥିତି ମଧ୍ୟ ଅତ୍ୟନ୍ତ ମାର୍ମିକ ଭାଷାରେ ବର୍ଣ୍ଣିତ । 'ପାରିକୁଦକୁ ଯାତ୍ରା'ରେ ଜୀବନର ପ୍ରାରମ୍ଭିକ ସମୟର ବର୍ଣ୍ଣନା ପାଠକଙ୍କ ଭିତରେ ସ୍ୱତଃ ସୃଷ୍ଟି କରିପାରେ ସ୍ପନ୍ଦନ ।

ନିଜ ଗାଁ 'ସାବୁଲିଆ'ର ଐତିହାସିକ ବିବର୍ତ୍ତନକୁ ବର୍ଣ୍ଣନା କରିବା ସମୟରେ ଆଙ୍କିଛନ୍ତି ଶିକ୍ଷା, ସଂସ୍କୃତି ଓ ଗାଁର କୃତିତ୍ୱକୁ । କେତେ ଶିକ୍ଷିତ ସଚେତନ ଓ ଉଚ୍ଚ ପଦରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କୁ ଜନ୍ମ ଦେଇଛି ସାବୁଲିଆ ଗାଁ, ତାହାର ଏକ ନିଷ୍ପକ୍ଷ ବିବରଣୀ ରହିଛି । ଗାଁ ଭିତରେ ସୃଷ୍ଟି ହୋଇଥିବା ଜାତିଭେଦ ଜନିତ ସଂଘର୍ଷ, ଅର୍ଥନୈତିକ ଶୋଷଣ ବିରୋଧୀ ସଂଗଠନ, ନାରୀ ନିର୍ଯ୍ୟାତନା ଜନିତ ଘଟଣା, ଗାଁର ଧର୍ମ ସଂସ୍କୃତି, ଜୀବନ, ଜୀବିକାର ବିବରଣୀ ଭିତରେ ସ୍ଥାନୀତ ହୋଇଛି ନିଜର ମା ଉଜ୍ଜ୍ୱଳିଙ୍କର ସଂଘର୍ଷମୟ ଜୀବନ, ଜୀବିକାର ବିବରଣୀ ଭିତରେ ସ୍ଥାନିତ ହୋଇଛ ନିଜର ମା ଉଜ୍ଜ୍ୱଳିଙ୍କର ସଂଘର୍ଷମୟ ଜୀବନ ଚିତ୍ରରୁ କେତୋଟି ଫର୍ଦ୍ଦ । ଖୁବ୍ କମ୍ ବୟସରୁ ସ୍ୱାମୀଙ୍କୁ ହରାଇଥିବା ଉଜ୍ଜ୍ୱଳି, 'ନିଜେ ମାଛ ବ୍ୟବସାୟ କରି, ନିଜକୁ ସ୍ୱାବଲମ୍ବି କରିବା ସହିତ ଅନ୍ୟମାନଙ୍କୁ ସାହାଯ୍ୟ ସହାନୁଭୂତି ଓ ପ୍ରେରଣା ଦେଉଥିଲେ ।..... କେହି ତାଙ୍କୁ ଇନ୍ଦିରା ଗାନ୍ଧୀ ତ କେହି ନନ୍ଦିନୀ ଶତପଥୀଙ୍କ ସହ ତୁଳନା କରି ଡାକନ୍ତି ।'

ସକାଳ ସୂର୍ଯ୍ୟ ଚିଲିକା ବକ୍ଷରେ ପଡ଼ି ଲୋହିତ ହୋଇଯାଇଥାଏ । ତଳେଇ ଡଙ୍ଗାଟି ପଶ୍ଚିମା ପବନକୁ ଅନୁକୂଳ ହୋଇ ଚାଲଥାଏ । ଚିଲିକା ବକ୍ଷରେ ଗେଣ୍ଡା, ମାଛରଙ୍କା ଉଠିବାକୁ ଲାଗିଲେ ।

ଏହି ସମୟରେ ପାରିକୁଦକୁ ମାଛ ମାରିବା ପାଇଁ ଯାତ୍ରାରମ୍ଭ କରିଥିବା ଶିଶୁ ଦୀନବନ୍ଧୁ ୧୯୮୪ ଜାନୁଆରୀରେ ବଲାଙ୍ଗିର ଡି.ଏଲ୍.ଓ. ଅଫିସରେ ଏ.ଏଲ୍.ଓ. ପଦରେ ଯୋଗ ଦିଅନ୍ତି। ଶିକ୍ଷା କ୍ଷେତ୍ରରେ ତାଙ୍କୁ ଉପଦେଶ ଦେଇ, ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରି ଆଗକୁ ବଢ଼ାଇ ନେଇଥିବା ଶିକ୍ଷକମାନଙ୍କର ପରିଚୟ ମିଳିବ ପୁସ୍ତକରୁ । ସାହିତ୍ୟ ଜୀବନ, ସାମାଜିକ ସଂଗଠନ ଭିତରେ ଚାକିରୀ ଜୀବନର ଉତ୍ଥାନ ପତନ, ସମସ୍ୟା ଓ ସଂଘର୍ଷ ଏସବୁର ନିଷ୍କପଟ ଚିତ୍ର ଦେଖଯାଏ 'ଆତ୍ମଲିପି'ରେ ।

ନାଗଲୋକରେ ଦଶହରା- ୨୦୧୧ ଓ ଧନୁଯାତ୍ରା- ୨୦୧୨ ଦୀନବନ୍ଧୁ ଅଧିକାରୀଙ୍କର ଜୀବନଯାତ୍ରାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ରୂପେ ସ୍ଥାନ ଗ୍ରହଣ କରିଛି ପୁସ୍ତକରେ । ନାଗପୁର ସହରରେ ଦୀକ୍ଷାଭୂମି ଦର୍ଶନରେ ସପରିବାର ଉପସ୍ଥିତ ହୁଅନ୍ତି ସେ । ସେ ତାଙ୍କ ଜୀବନର ଏକ ନୂତନ ସୋପାନକୁ ଯାତ୍ରା ବୌଦ୍ଧଧର୍ମର ଐତିହ୍ୟ ସମନ୍ୱିତ ଅନେକ ଧର୍ମସ୍ଥାନ ପରିଦର୍ଶନର ବିବରଣୀ ଏଥିରେ ରହିଛି । ନିଜର ଧର୍ମ-ଧାରଣା, ଆସ୍ଥା- ଅନାସ୍ଥା ଧର୍ମ ଶାସ୍ତ୍ରର ଶିକ୍ଷା କିପରି ତାଙ୍କୁ ଚେତନାରେ ଗତିଶୀଳ ରଖିଛି ଓ ସାରସ୍ୱତ ସର୍ଜନା ଦିଗରେ ଅନୁପ୍ରେରିତ କରିଛି ତତ୍‌ସମ୍ବନ୍ଧୀୟ ଘଟଣାବଳୀ ବହିରୁ ମିଳିବ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

## ଜାତୀୟ ଜୀବନ ପାଇଁ ଶିକ୍ଷକଙ୍କର ଅବଦାନ ଅତୁଳନୀୟ: ଡକ୍ଟର କାଳୀପଦ ପଣ୍ଡା



ନୂଆପଡା, ୩୧/୧ (ନି.ପ୍ର): ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ଉତ୍ସବକୁ ନୂଆପଡା ଜିଲ୍ଲାପାଳ ତଥା ବିଶିଷ୍ଟ କବି ମଧୁସୂଦନ ଦାସ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ରାଜାସାହେବ ଦେବ ଦେବ ପ୍ରସାଦ ସିଂହଦେବ, ଖଡ଼ିଆଳ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ଏବଂ ମୁଖ୍ୟ ବକ୍ତା ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଶିଷ୍ଟ କବି ଡକ୍ଟର କାଳୀପଦ ପଣ୍ଡା ଯୋଗଦେଇ ଥିଲେ ।ମୁଖ୍ୟବକ୍ତା ଡକ୍ଟର ପଣ୍ଡା ଉପସ୍ଥିତ ସହସ୍ରାଧିକ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇ ଭାରତବର୍ଷର ଗୁରୁ ଶିଷ୍ୟ ପରମ୍ପରାର ମହନୀୟତା ଓ ଜାତୀୟ ଜୀବନରେ ଶିକ୍ଷକ ସମାଜର ଯେଉଁ ମହାନ ଅବଦାନ ନିହିତ ତାହାକୁ ବର୍ଣ୍ଣନା କରି ଶିକ୍ଷକଙ୍କ ପ୍ରତି ଛାତ୍ରର ଭକ୍ତିଭାବ ସହ ଦେଶ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ ।ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡକ୍ଟର ଗୀତାଶ୍ରୀ ପ୍ରିୟମ୍ୱଦା ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ ପୂର୍ବକ ମଞ୍ଚ ପରିଚାଳନା କରିଥିବାବେଳେ ସହ ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ସାଗରିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ମାଧ୍ୟମରେ ମହାବିଦ୍ୟାଳୟର କୃତୀ ଛାତ୍ର ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନଙ୍କ କୃତିତ୍ୱ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।ଉତ୍ସବରେ ଯୁକ୍ତ ଦୁଇର ଅଧ୍ୟକ୍ଷ ଡକ୍ଟର ରଣବୀର ସିଂହ ଯୋଗଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ସ୍ତରୀୟ କୃତିତ୍ୱ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ ।ଏହି ଉତ୍ସବରେ ପ୍ରଶାସନିକ ସେବା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ନିଖିଳ ଅଗ୍ରୱାଲ ଏବଂ ଛାତ୍ରୀ ପ୍ରଣତି ତାଣ୍ଡି ଙ୍କ ସମେତ ବିଭିନ୍ନ ବିଭାଗର ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଉକ୍ତ ପରିପ୍ରେକ୍ଷୀରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ପରିଶେଷରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବନ୍ଦୁ ଅର୍କେଷ୍ଟ୍ରା ଅମିତ ରାଜ ଓ ସୌଭାଗ୍ୟଲକ୍ଷ୍ମୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ଦୀର୍ଘ ସମୟ ଧରି ଛାତ୍ର ଛାତ୍ରୀମାନେ ଅର୍କେଷ୍ଟ୍ରାକୁ ଉପଭୋଗ କରିଥିଲେ ।ଉକ୍ତ ବାର୍ଷିକ ଉତ୍ସବରେ ଖଡ଼ିଆଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ତଥ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ, ସହକର୍ମୀ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକୁ ପ୍ରାଧ୍ୟାପକ ତରୁଣ କୁମାର ପ୍ରଧାନ, ଅଧ୍ୟାପକ ସୁନୀଲ କୁମାର ପାଢୀ,ଅଧ୍ୟାପିକା ରାଜଲକ୍ଷ୍ମୀ ରଥ,ଅଧ୍ୟାପକ ଗୁଣବନ୍ତ ସାହୁ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା ପାୟଲପ୍ରଧାନ,ଅଧ୍ୟାପିକା ପ୍ରଣତି ପଣ୍ଡା,ଅଧ୍ୟାପିକା ନିବେଦିତା ଆଚାରି,ଅଧ୍ୟାପିକା ଆନନ୍ଦିନୀ ମିଶ୍ର ,ଅଧ୍ୟାପକ ଡ଼ ସରୋଜ କୁମାର ପଣ୍ଡା, ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ,ଅଧ୍ୟାପକ ଅଭିଷେକ ରଥ,ଅଧ୍ୟାପକ ଅଜିତେଶ ପାଢ଼ୀ, ଅଧ୍ୟାପକ ବିବେକ ସାହୁ ଙ୍କ ସହ ସମସ୍ତ ଅଧ୍ୟାପକ ,ଅଧ୍ୟାପିକା, ସହଯୋଗୀ ସହକର୍ମୀ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳାର ସହ ଉତ୍ସବକୁ ସଫଳ ରୂପାୟନ ପ୍ରଦାନ କରିଥିଲେ ।

## ଜୀବନର ମଞ୍ଜି-କାହାଣୀ...

(ପୃଷ୍ଠା ୬ର ଅବଶିଷ୍ଟାଂଶ) ଆତ୍ମଲିପିରେ ଅନ୍ତର୍ବେଦନା ଏକ କ୍ଷୁଦ୍ର ପୁସ୍ତକ । ସୁଦୃଶ୍ୟ ନୀଳରଙ୍ଗର ପ୍ରଚ୍ଛଦ ଉପରେ ସମାଜ- ସଂସ୍କାରକ ତଥା କ୍ରାନ୍ତିକାରୀ ବ୍ୟକ୍ତିମାନଙ୍କର ଫଟୋଚିତ୍ର ସହିତ ରହିଛି ଦୁଇଧାଡ଼ି ମାନବତାର ବାର୍ତ୍ତା-

'ତୁମେ ଯଦି କଷ୍ଟ ଅନୁଭବ କରୁଛ, ତେବେ ତୁମେ ବଞ୍ଚିଛ,
ତୁମେ ଯଦି ଅନ୍ୟର କଷ୍ଟ ବୁଝିପାରୁଛ ତେବେ ତୁମେ ହୃଦୟବାନ ମଣିଷ ।'

କଷ୍ଟରୁ ଜୀବନ ଆରମ୍ଭ କରିଛନ୍ତି ଲେଖକ । ଆତ୍ମଲିପି କୁହେ, ଅନ୍ୟର କଷ୍ଟକୁ ବୁଝିଥିବାରୁ ବହୁ ସଂଗଠନ ସହିତ ଜଡ଼ିତ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ମା' ଉଜ୍ଜ୍ୱଳି ବିରକ୍ତ ହୋଇ କହିଛନ୍ତି, 'ତୁ ତୋର ପାଠପଢ଼ା ଛାଡ଼ି କାହିଁକି ଏସବୁଥିରେ ପଶୁଛୁ ?' ଶିକ୍ଷା ଗ୍ରହଣ ସମୟରେ ବା ଛାତ୍ର ଅବସ୍ଥାରେ ମା'ଙ୍କ କଥା ରଖି ବିଶ୍ୱବିଦ୍ୟାଳୟ ହଷ୍ଟେଲକୁ ଫେରିଥିବା ଦୀନବନ୍ଧୁ, ପରବର୍ତ୍ତୀ ସମୟରେ ନିଜର ପଥ ନିଜେ ନିର୍ଦ୍ଧାରଣ କରିଛନ୍ତି । ସାମାଜିକ କ୍ରାନ୍ତିର ମାର୍ଗ 'ବୌଦ୍ଧଧର୍ମ' ଗ୍ରହଣ କରିଛନ୍ତି ସପରିବାରେ । ପୁସ୍ତକରେ ଏସବୁ କଥା ଅତି ସଂକ୍ଷିପ୍ତରେ ବର୍ଣ୍ଣନା କରାଯାଇଛି । ତାଙ୍କର ବ୍ୟକ୍ତିତ୍ୱ ଉପରେ ସମାଜର ନିୟନ୍ତ୍ରଣ ତାକୁ ନମ୍ର କରିଛି ସତ, ପରାସ୍ତ କରିପାରିନାହିଁ । ତାଙ୍କର ଭାଷା ଓ ଲେଖକୀୟ ସତ୍ତାକୁ ବାନ୍ଧି ଦେଇଛି ଓ ସୀମିତ କରିଦେଇଛି । ଅଳ୍ପ ଶବ୍ଦ, ଅଳ୍ପ ବାକ୍ୟ ଅନୁଭୂତିର ସଂକ୍ଷିପ୍ତ ପ୍ରତିଫଳନରେ ପୁସ୍ତକଟି ହୋଇଛି କ୍ଷୁଦ୍ର- କଳେବର । ହୁଏତ ବହୁଭାଗ ଜୀବନ ଏଥିରେ ରହି ପାରିନାହିଁ । ଜୀବନାନୁଭୂତିର କେନ୍ଦ୍ରୀୟ ପ୍ରସଙ୍ଗଗୁଡ଼ିକୁ ଉପସ୍ଥାପନ କରିବା ବେଳେ, ପରିପାର୍ଶ୍ୱ ଅସ୍ପଷ୍ଟ ହୋଇଛି । ଏମିତି ଦେଖିବାକୁ ଗଲେ ଅସ୍ପଷ୍ଟତା ହିଁ ଜୀବନ । ଅସ୍ପଷ୍ଟ 'ଆତ୍ମଜୀବନୀ' ଏକ ଭିନ୍ନ ରଚନା, ଯାହା ପାଠକୀୟ ଅନୁସନ୍ଧିତ୍ସାକୁ ବଢ଼ାଇ ଚାଲିବ, ହୁଏତ ଭବିଷ୍ୟତରେ ପୁନର୍ବାର ଲେଖକ ଅଧିକାରୀଙ୍କୁ ରଚନାଶୀଳ କରାଇବ ।

(ମୋ) ୭୦୦୮୮୧୭୨୧୧

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...


### ନୂଆ ସମବାୟ ନୀତି ...

ପ୍ରାୟ ୧୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ କଲ୍ୟାଣୀ ଷ୍ଟିଲ୍ସ, ସାରଲୋହା ଆଡଭାନ୍ସଡ୍ ମ୍ୟାଟେରିଆଲ୍ସ ଓ ଭାରତ ଫୋର୍ଜ ପକ୍ଷରୁ ମୋଟ ୧୭୨୫୦ କୋଟି ଟଙ୍କାର ନିବେଶ କରାଯିବ । ଏହି ପ୍ରକଳ୍ପ ଦ୍ୱାରା ପ୍ରାରମ୍ଭିକ ଭାବେ ୪୮୦୦ ପ୍ରତ୍ୟକ୍ଷ ଓ ୫୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଥିବାବେଳେ ଭବିଷ୍ୟତରେ ଏହା ୨୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିବ । ସମବାୟ କ୍ଷେତ୍ରକୁ ଅଧିକ ଦକ୍ଷ, ସ୍ୱଚ୍ଛ ଓ ସଦସ୍ୟକୈନ୍ଦ୍ରିକ କରିବା ପାଇଁ 'ରାଜ୍ୟ ସମବାୟ ନୀତି-୨୦୨୬' କୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । କେନ୍ଦ୍ର ସରକାରଙ୍କ 'ସମବାୟରୁ ସମୃଦ୍ଧି' ନୀତି ସହ ସମନ୍ୱୟ ରକ୍ଷା କରି ପ୍ରସ୍ତୁତ ଏହି ରାଜ୍ୟ ନୀତି ୨୦୩୬ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହା ମାଧ୍ୟମରେ ପ୍ୟାକ୍ସ, ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ କରାଯିବା ସହ ଗ୍ରାମାଂଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଓ କୃଷି ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦିଆଯିବ । ଏହି ନୀତି 'ବିକଶିତ ଓଡ଼ିଶା-୨୦୩୬' ଓ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ହାସଲରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ସେହିପରି ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ନବସୃଜନକୁ ଉତ୍ସାହିତ କରିବା ପାଇଁ 'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ଯୋଜନାକୁ ମଞ୍ଜୁରୀ ମିଳିଛି । ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ, ଯେଉଁଥିରେ ୨୫୪.୮୫ କୋଟି ଟଙ୍କା ବ୍ୟୟ କରାଯିବ । ଏହି ଯୋଜନା ଅଧୀନରେ ୧୪ଟି ଉପ ଯୋଜନା ରହିଛି, ଯାହା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ପ୍ରୋତ୍ସାହିତ କରାଯିବା ସହ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରାଯିବ । ରାଜ୍ୟ ସରକାର ଭୁବନେଶ୍ୱରରୁ ଦୁବାଇ ଏବଂ ସିଙ୍ଗାପୁରକୁ ବିମାନ ଚଳାଚଳ ବଜାୟ ରଖିବା ପାଇଁ ଆର୍ଥିକ ସହାୟତା(ଭିଜିଏଫ) ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି ।ଏଥିପାଇଁ ପ୍ରାୟ ୨୬.୮୭ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବିତ ହୋଇଛି ।

### ଆମେରିକା-ଇରାନ୍ ...

ଇରାନ ବିଶ୍ୱର ତୈଳ ଉତ୍ପାଦନର ୪-୫% ଅବଦାନ ରଖେ । ଯଦି ସେଠାରେ ବିବାଦ ବୃଦ୍ଧି ପାଏ, ତେବେ ତେଲ ମୂଲ୍ୟ ଆକାଶଛୁଆଁ ହୋଇପାରେ । ଭାରତ ତା'ର ତୈଳ ଆବଶ୍ୟକତାର ଏକ ବଡ଼ ଅଂଶ ଇରାନରୁ ଆମଦାନୀ କରେ, ତେଣୁ ଏହା ଭାରତ ପାଇଁ ଏକ ବଡ଼ ସମସ୍ୟା ହେବ । କେବଳ ଏତିକି ନୁହେଁ, ଭାରତର ରପ୍ତାନି, ଯେପରିକି ବାସୁମତୀ ଚାଉଳ, ଫଳ ଓ ବାଦାମ ଉପରେ ପ୍ରଭାବ ପକାଇପାରେ । ଭାରତ ରଣନୈତିକ ଓ କୂଟନୈତିକ ସ୍ତରରେ ମଧ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ଆମେରିକାର ଚାପ ଚାବାହାର ବନ୍ଦରରେ ଭାରତର ନିବେଶକୁ ପ୍ରଭାବିତ କରିପାରେ, ଯାହା ମଧ୍ୟ ଏସିଆରେ ଭାରତର ପ୍ରବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉପସାଗରୀୟ ଅଞ୍ଚଳରେ ଆମେରିକାର ବର୍ଦ୍ଧିତ ସାମରିକ ଉପସ୍ଥିତି ସାଉଦି ଆରବ, ୟୁଏଇ ଓ କତାର ଭଳି ଦେଶରେ କାମ କରୁଥିବା ଭାରତୀୟ ନାଗରିକଙ୍କ ପାଇଁ ବିପଦ ବଢ଼ିପାରେ ।

# ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୩୧/୧ (ନି.ପ୍ର): ବାସୁଦେବପୁର ସହର ନିକଟସ୍ଥ ଗୁଆ ଗାଁ ଠାରେ ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମିରାକଲ ପବ୍ଲିକ ସ୍କୁଲର ଚେୟାରମେନ ଦୁଃଶାସନ ରାଉତ, କବି ଓ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର,ବିଦ୍ୟାଳୟର ଚେୟାରମେନ ସୁଜାତା ପାଣିଗ୍ରାହୀ,ବିଦ୍ୟାଳୟର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ମୁରଲୀଧର ପାଣିଗ୍ରାହୀ, ଶିକ୍ଷାବିତ୍ କୃପାସିନ୍ଧୁ ମହାନ୍ତି, ବିଷ୍ଣୁ ଚରଣ ଦାସ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ବାରିକ୍, ରାଜ ନେତା ସୁରେଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ମଣ୍ଡଳ ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ଶିକ୍ଷକ ରତିକାନ୍ତ ବଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ଦେବାଶିଷ ପଣ୍ଡା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା



ରେମୁଣା, ୩୧/୧ (ନି.ପ୍ର): ଆଜି ସନ୍ଧ୍ୟାରେ ରେମୁଣା ଗୋଲେଇ ନିକଟସ୍ଥ ଦଧିବାମନ ନଗରର ସ୍ଥିତ କୋଶମ୍ବ ମେଳା ପଡ଼ିଆ ପରିସରରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ୨୦୨୬ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶ୍ରୀଯୁକ୍ତ ଚରଣ ହେମ୍ବ୍ରମ ଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ପରିଷଦର ସଭାପତି ଭଗବାନ ଦାସ ଖଣ୍ଡେଲଓଆଲଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଶିଳ୍ପୀ କେଶୁଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ କରିଥିଲେ । ପଦ୍ମଶ୍ରୀ ଚରଣ ହେମ୍ବ୍ରମ ତାଙ୍କ ବକ୍ତବ୍ୟରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦକୁ ପ୍ରଶଂସା କରିବା ସହ ତାଙ୍କ ନିରାଡ଼ମ୍ବର ଜୀବନ, ଉତ୍ସର୍ଗୀକୃତ ଭାବେ ସାନ୍ତାଳୀ ଅଲଚିକି ଭାଷା, ସାହିତ୍ୟ ଓ ସାନ୍ତାଳୀ ନୃତ୍ୟଗୀତର ସେବା କରିବା ବିଷୟରେ କହିଥିଲେ । ପ୍ରକାଶ ଥାଉକି ଆସନ୍ତା କାଲି ରବିବାର ସନ୍ଧ୍ୟାରେ ଜ୍ଞାନଶ୍ରୀ ସ୍ୱେଚ୍ଛାସେବୀ ସଙ୍ଗଠନ ର 'ପ୍ରଣାମ ପ୍ରତିଭା ' କୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ସଭାରେ ଉପସଭାପତି ସୋମନାଥ ବିଶ୍ୱାଳ, କମଳ ବିହାରୀ ଦାସ, ଉମାକାନ୍ତ ବେହେରା, ମୂରଲୀଧର ଦାଶ, ମନୋଜ ନାୟକ, ବଳଭଦ୍ର ଶତପଥୀ, ଗଗନ ଗିରି, ବିଶ୍ୱନାଥ ରଣା, ରତିକାନ୍ତ ବେହେରା, ଉମେଶ ଦତ୍ତ, ସୁଶାନ୍ତ ମହାନ୍ତି, ସୁଶାନ୍ତ ପାତ୍ର, ଅଶୋକ ମଲ ପ୍ରମୁଖ ଉପସ୍ଥିତ ହୋଇ ସମ୍ବର୍ଦ୍ଧିତ କରିଥିଲେ । ଧନ୍ୟବାଦ ପ୍ରଦାନ କରିଥିଲେ କୋଶମ୍ବିନୀର ମୁଖ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ଦାସ ।

# ବୃତ୍ତି ପରୀକ୍ଷାରେ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀଙ୍କର ସଫଳତା

ଖୋର୍ଦ୍ଧା , ୩୧/୧ (ନି.ପ୍ର): ନିକଟରେ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପଞ୍ଚମ ଓ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଖୋର୍ଦ୍ଧା ଗାନ୍ଧି ପଡିଆ ଠାରେ ଥିବା ବୀଣାପାଣି ଶିଶୁ ବିଦ୍ୟା ମନ୍ଦିର ର ଛାତ୍ର ଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଖୋର୍ଦ୍ଧା ମ୍ୟୁନିସପାଲିଟି ସ୍ତର ରେ ବିଦ୍ୟାଳୟ ର ଅଭିଜିତ ଶତପଥୀ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଶ୍ରେୟାଂଶ ସାମନ୍ତରାୟ, ଏଲିନା ଦାସ,ସାଇସ୍ମିତା ରଗଡ (ଉଚ୍ଚ ପ୍ରାଥମିକ) ପଞ୍ଚମ ଶ୍ରେଣୀ ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ରେ କୈବଲ୍ୟ ଲେଙ୍କା, କ୍ରିତିକା ମହାରଣା, ସାଇ ପ୍ରତ୍ୟୁଷା ମହାପାତ୍ର ( ନିମ୍ନପ୍ରାଥମିକ) ତୃତୀୟ ଶ୍ରେଣୀ ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

# ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକ ଉତ୍ସବ ପାଳିତ



ଜଳେଶ୍ୱର, ୩୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ କାଳିକ ପଂଚାୟତରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶନିବାର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଛି । ବାର୍ଷିକ ବୀବରଣୀ ପାଠ ସହିତ ଅଧ୍ୟକ୍ଷତା କରିଥିଲେ ବିଦ୍ୟାଳୟ ର ପ୍ରଧାନଶିକ୍ଷୟତ୍ରୀ ରଞ୍ଜିତା ଟୁଡୁ , ମଞ୍ଚ ଆହ୍ୱାନ କରିଥିଲେ ଶିକ୍ଷକ ଦେବାଞ୍ଜନ ବେରା ।ଏହି ଉତ୍ସବରେ ମୂଖ୍ୟ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର,ମୁଖ୍ୟ ବ୍ୟକ୍ତା ଭାବେ ଜଳେଶ୍ୱର ତହସିଲ୍‌ଦାର ସତ୍ୟଜିତ ମହାନ୍ତି ବକ୍ତବ୍ୟ ରେ ଈଶ୍ୱର ଙ୍କ ପ୍ରତି ଭକ୍ତି ରଖ ଛାତ୍ର ଛାତ୍ରୀଙ୍କ ଉପଦେଶ ଦେଇଥିଲେ ।ସମ୍ମାନୀତ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟ ପୁରୀ ର ଆସୋସିଏଟ ପ୍ରଫେସର ଡ .ରାଧା ଗୋବିନ୍ଦ କୋଇଲା, ଜଳେଶ୍ୱର ପୌରପାଳିକା ପୌରାଧିକରି ହେମନ୍ତ ସିଂ, ପ୍ରଧାନ ଶିକ୍ଷକ ଶୁକଦେବ ପ୍ରମାଣିକ, ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଡ.ଭୀଷ୍ମ ଚରଣ ପରିଡା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।ଅତିଥି ଭାବେ କାଳିକ ପଂଚାୟତ ର ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ, ଶିବଶଙ୍କର ସାହୁ ଉପସ୍ଥିତ ଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ର ଶିକ୍ଷକ ଶକ୍ତିପଦ ମଣ୍ଡଳ, ସୁନିଲ ପ୍ରଧାନ, ପଙ୍କଜ ଧଳ,ପ୍ରୀତି ମଧୁମିତା କର,ବିଜୟ କର, ରିନାରାଇ ସୋରେନ, ଶୁଭଶ୍ରୀ ମହନ୍ତ,ରାଜେନ୍ଦ୍ର ଗିରି, ଅରବିନ୍ଦ ମହାନ୍ତି, ଓ ଅନ୍ୟ ସହକର୍ମୀ ତପନ ଖୁଣ୍ଟିଆ, ଅନୁପମା ଦାସ,ଶଙ୍କର୍ଷଣ ପ୍ରଧାନ, ବିମଳ ଜେନା ,ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ବିଦ୍ୟାଳୟ ଶିକ୍ଷକ ଦେବାଂଜନ ବେରା ଧନ୍ୟବାଦ ଅର୍ପଣ କରିଥିଲେ ।କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ ମନୋରଞ୍ଜନର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ।

## ମେଟାଗୁଡା ଗ୍ରାମରେ ପୋଲିସ ଜନ ସମ୍ପର୍କ ଶିବିର

ମାଲକାନଗିରି, ୩୧/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ପୋଲିସ ପକ୍ଷରୁ ଏମ୍‌ଭି-୭୯ ଥାନା ଅନ୍ତର୍ଗତ ମେଟାଗୁଡା ଗ୍ରାମରେ ପୋଲିସ ଜନ ସମ୍ପର୍କ ଶିବିର ସଫଳତାର ସହିତ ଆଜି ଆୟୋଜିତ ହୋଇଛି । ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମ୍‌ଭି-୭୯ ଥାନାର ସମସ୍ତ ଷ୍ଟାଫ ଏବଂ ସବ୍-ଇନ୍ସପେକ୍ଟର ଚନ୍ଦନ ବେହେରା, ଗିରିଶ କୁମାର ସାରକା, ତାଣ୍ଡାବାଇ ସରପଂଚ ସତ୍ୟ ମାଡକାମି, ବିଶ୍ୱନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁଧାକର ସେଠୀଙ୍କ ରଚିତ ନାଟକ 'ରେବତୀ ଆଜିବି ଲଢୁଛି' ଅଭିନୀତ



ବାଲେଶ୍ୱର, ୩୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଦିବା ୧୨. ୩୦ ଘଟିକାରେ କବି ସୁଧାକର ସେଠୀଙ୍କ ରଚିତ, ଗୋପାମୁଦ୍ରା ମହାପାତ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ସଚେତନ ଧର୍ମୀ ନାଟକ ରେବତୀ ଆଜିବି ଲଢୁଛି ପ୍ରଦର୍ଶିତ ହୋଇଯାଇଛି । ଏଥିରେ 'ପ୍ରତିବିମ୍ବ ସମାଜର' ନାଟ୍ୟ ଅନୁଷ୍ଠାନର କଳାକାର ମାନେ ଅଭିନୟ କରିଥିଲେ । ଗାଁ ମାମଲତକାର ଧଡ଼ିଆ ଚରିତ୍ରରେ ପ୍ରଫୁଲ୍ଲ କୁମାର ଦାସ, ରୂଢ଼ିବାଦୀ ପଣ୍ଡିତ ଚକରାନ୍ନା ଭୂମିକାରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ସାମଜିକ କର୍ମୀ ଜାଗା ଭୂମିକାରେ.. କବି ଦିବ୍ୟଲୋଚନ ମହାପାତ୍ର, ସ୍ଥାନୀୟ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ଭୂମିକାରେ କବି ସୁଧାକର ସେଠୀ ସାମ୍ବାଦିକ ଭୂମିକାରେ କଞ୍ଚାମଣୀ ସ୍ୱାଇଁ, ଗାଉଁଲି ମରହଟିଆ ଚରିତ୍ରରେ ଦନା ଭୂମିକାରେ.. କବି ଜୁମରନାଥ ପାତ୍ର,ଗାଉଁଲି ସରଳ ମହିଳା ଚରିତ୍ର ରେ କବି ସୁବ୍ରତା ମହାନ୍ତି, ଅଷ୍ଟମ ଶ୍ରେଣୀ ଛାତ୍ରୀ ରେବତୀ ଭୂମିକାରେ . ସଂଯୁକ୍ତା ମିଶ୍ର, କଲେଜ ଝିଅ ମିତା ଭୂମିକାରେ ଇପ୍ସିତା ସ୍ୱାଇଁ, ଦ୍ୱିତୀୟ କଲେଜ ଝିଅ ଡଲି ଭୂମିକାରେ. ବର୍ଷା ପ୍ରିୟଦର୍ଶିନୀ ସ ଅଭିନୟ ଉଚ୍ଚ ପ୍ରଶଂସିତ ହୋଇଥିଲା । ନାବାଳିକା କନ୍ୟା ବିବାହର କୁ ପରିଣାମକୁ ସୁନ୍ଦର ନାଟକୀୟ ଭଙ୍ଗୀରେ ପ୍ରତିବିମ୍ବ ସମାଜର ନାଟ୍ୟକଳାକାର ମାନେ ଉପସ୍ଥାପିତ କରିଥିଲେ । ଏଭଳି ନାଟକ ସମାଜର ଆଇନା ବୋଲି ଉପସ୍ଥିତ ମୁଖ୍ୟ ଅତିଥି ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣଚନ୍ଦ୍ର ପ୍ରଧାନ ଅଭିଭାଷଣରେ ରଖିଥିଲେ । ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ତରଫରୁ ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନକରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ମହାମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ




ବେତନଟୀ, ୩୧/୧ (ନି.ପ୍ର): ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ୧୩୮ତମ ଆବିର୍ଭାବ ମହାମହୋତ୍ସବ ପାଇଁ ବେତନଟୀ ଠାରେ ହେବାକୁଥିବା ଜିଲ୍ଲାସ୍ତରୀୟ ସ୍ୱସ୍ତି ଶ୍ରୀପାଳୀ ସମ୍ପର୍କୀତ ଏକ ସାମ୍ବାଦିକ ସମ୍ମିଳନୀ ବେତନଟୀ ସତସଙ୍ଗବିହାର ଠାରେ ଶୁକ୍ରବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି । ବାରିପଦାର କାର୍ଯ୍ୟକାରୀ ସଭାପତି ବେଣୁଧର ମହାରଣା, ଶଙ୍କର୍ଷଣ ସାହୁ, ବୀରେଶ୍ୱର ଜ୍ୟୋତିଷି, ସଞ୍ଜୟ କୁମାର ବେହେରା, ବେତନଟୀର କାର୍ଯ୍ୟକାରୀ ସମ୍ପାଦକ ଖଗେନ୍ଦ୍ର ସାହୁ, କରୁଣାକର ପତି, ରତିକାନ୍ତ ଜେନା, ବାରିପଦାର ଡ. ବିଶ୍ୱରୂପ ମହାରଣା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଆସନ୍ତା ୧ତାରିଖରେ ବେତନଟୀରେ ହେବାକୁଥିବା ଜିଲ୍ଲାସ୍ତରୀୟ ସତସଙ୍ଗ ମହୋତ୍ସବ ସ୍ୱସ୍ତି ଶ୍ରୀପାଳୀ ସନ୍ଦର୍ଭରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ବିଶଦ ବିବରଣୀ ପ୍ରଦାନ କରିଥିଲେ । ଆସନ୍ତା ରବିବାର ବେତନଟୀରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୨୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ଜନସାଧାରଣଙ୍କର ସମାଗମ ହେବାର ଆକଳନ କରାଯାଇଛି । ହଜାର ହଜାର ଲୋକଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମଣିଷ କିଭଳି ସୁସ୍ଥ, ନିରୋଗ ତଥା ନିରାମୟ ଜୀବନଯାପନ କରିପାରିବ ସେନେଇ ଆବଶ୍ୟକ ହେଉଥିବା ଶୃଙ୍ଖଳିତ ଜୀବନଚର୍ଯ୍ୟା, ସନ୍ତୁଳିତ ଆହାର ସର୍ବୋପରି ସୁସ୍ଥ ଚିନ୍ତନ ପୂର୍ବକ ସମୃଦ୍ଧ ରାଷ୍ଟ୍ରଗଠନ କରାଯାଇପାରିବ ସେନେଇ ସମ୍ୟକ ଆଲୋଚନା କରାଯାଇଥିଲା । ଏହି ଅବସରରେ ବେତନଟୀ ବ୍ଲକ ସମ୍ବାଦିକସଂଘର ବିଭିନ୍ନ କାର୍ଯ୍ୟକର୍ତ୍ତା ଓ ସଦସ୍ୟଗଣ ଯୋଗଦେଇଥିଲେ ।

# ବାବାକଖାରୁଆ ବୈଦ୍ୟନାଥ ହାଇସ୍କୁଲର ବାର୍ଷିକ ଉତ୍ସବ

ବେତନଟୀ,୩୦/୧(ନି.ପ୍ର)- ବେତନଟୀ ବ୍ଲକ ଅଧୀନ ପୁରିନ୍ଦାସ୍ଥିତ ବାବାକଖାରୁଆ ବୈଦ୍ୟନାଥ ହାଇସ୍କୁଲର ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମମତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକୋତ୍ସବ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉକ୍ତ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପୁରାତନ ଛାତ୍ରସଂସଦର ସମ୍ପାଦକ ଭରତଚନ୍ଦ୍ର ମହାନ୍ତ, ସମ୍ମାନୀତ ଅତିଥ୍ୟ ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ମନୋରଞ୍ଜନ ଦାସ, ସରପଞ୍ଚ ଚୈତନ ହେମ୍ବ୍ରମ, ଅମଣିଦା କ୍ଲଷ୍ଟର ସିଆରସିସି କଳାକାର ମହାନ୍ତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ମହାନ୍ତ ଏବଂ ଦଶରଥ ମହାନ୍ତ ପ୍ରମୁଖ ଅତିଥୁ ଅଧିକାରୀଗଣ ମଞ୍ଚାସୀନ ଥିଲେ । ସମୟର ସଦୁପଯୋଗ ଏବଂ ଗୁରୁଭକ୍ତି ସହିତ ସର୍ବୋପରି କଠିନ ପରିଶ୍ରମ ଦ୍ୱାରା ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ ପୂର୍ବକ ରାଷ୍ଟ୍ରସେବାରେ ଉତ୍ସର୍ଗ ହେବାଭଳି ବହୁ ଉପଦେୟ ପରାମର୍ଶ ମଞ୍ଚାସୀନ ଅତିଅଧିକାରୀଗଣ ଛାତ୍ରଛାତ୍ରୀଙ୍କ ଉଦେଶ୍ୟରେ ଦେଇଥିଲେ । ପ୍ରଧାନଶିକ୍ଷୟିତ୍ରୀ ମମତା ଦାସ ସ୍ୱାଗତଭଷଣ ଏବଂ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ସହକାରୀ ଶିକ୍ଷକ ବାଜୋ ମାଣ୍ଡିଙ୍କ ସଂଯୋଜନା ଏବଂ ମଞ୍ଚପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ । କାର୍ଯ୍ୟକ୍ରମର ସଫଳ ସମାପନ ପରେ ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସର ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୩୧/୧ (ନି.ପ୍ର): ବାସୁଦେବପୁର ସହରରେ ସତସଙ୍ଗ କେନ୍ଦ୍ର ଠାରେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। ବିଶିଷ୍ଟ କବି ତଥା ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗେସ ନେତା ଜୟଦେବ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ,ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଯୁବ ନେତା ଅସିତ୍ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ନଳିନୀ ମହାନ୍ତି, ସେବା ଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ସାଂସଦ ପ୍ରତିନିଧି ମଧୁମିତା ସେଠୀ,ବାସୁଦେବପୁର ନଗର କଂଗ୍ରେସ ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ , କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି,ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ରାଜ୍ୟରେ ଓ ଦେଶରେ ଚାଲିଥିବା ବିଜେପି ସରକାରଙ୍କ ଅନ୍ୟାୟ ଓ ଦୁର୍ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଚାଷୀ ଭାଇ ମାନଙ୍କ ଧାନ ସମସ୍ୟା, ବିଦ୍ୟୁତ୍ ସମସ୍ୟା ଓ ସାଧାରଣ ଲୋକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କଂଗ୍ରେସ ପକ୍ଷରୁ ରକ୍ତତୀର୍ଥ ଇରମରୁ ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା ବାହାରି ବାସୁଦେବପୁରରେ ଶେଷ ହୋଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତ୍ୟାଗ ଓ ସ୍ୱାଧୀନତା ସଂଗ୍ରାମର ମହିଳା ଶହୀଦ ପରୀ ବେଓ୍ୱାଙ୍କ କଥାକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭାବେ ପି ସି ସି ସଭାପତି ଭକ୍ତ ଚରଣ ଦାସ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଯୁବ ନେତା ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ତୁହିଦ ଖାଁ, କାହ୍ନୁ ଚରଣ ମଲିକ,ନିରଞ୍ଜନ ପଲେଇ,ନାରୀ ନେତ୍ରୀ ମଞ୍ଜୁଲତା ପଣ୍ଡା, ପ୍ରଭାତ ବାରିକ୍, ଯୁବ ନେତା ସୁଶାନ୍ତ ମହାକୁଡ଼, ସିଦ୍ଧାନ୍ତ ଦାସ, ଚନ୍ଦନ ନାୟକ, ଅକ୍ଷୟ ବାରିକ୍, କ୍ଷେତ୍ର ମୋହନ ମହାକୁଡ଼, ଗୌରାଙ୍ଗ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ହଜାର ହଜାର ଜନ ସାଧାରଣ ଏହି ପ୍ରତିବାଦ ସଭାରେ ଯୋଗ ଦେଇଥିଲେ।

# ନୂଆସାହି ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଉଦଳା , ୩୧/୧ (ନି.ପ୍ର): ବିଦ୍ୟା ପରି ଅମୂଲ୍ୟ ସମ୍ପଦ ଆଉ ଜଗତରେ କିଛି ନାହିଁ, ସଂସାରରେ ଯେତେସବୁ ପଦାର୍ଥ ଅଛି ସେମାନଙ୍କୁ ଜାଣିବାର ଜ୍ଞାନ ବିଦ୍ୟାରୁ ହିଁ ଆସିଥାଏ । ବିଦ୍ୟା ଶାସ୍ତ୍ର, କଳା, କୌଶଳ ଓ ଭାଷା ମାନଙ୍କର ଜ୍ଞାନ ପ୍ରଦାନ କରିଥାଏ । ଆଜିର ବିଦ୍ୟା କେବଳ ଅର୍ଥ ରୋଜଗାରର ମାଧ୍ୟମ ହୋଇଗଲାଣି । କେଉଁ ପାଠ ପଢିଲେ ଅଧିକରୁ ଅଧିକ ଉପାର୍ଜନ ହୋଇପାରିବ ସେହି ଶିକ୍ଷାପ୍ରତି ବିଦ୍ୟାର୍ଥୀ ଏବଂ ଅଭିଭାବକମାନେ ମନୋନିବେଶ କରୁଛନ୍ତି ଫଳରେ ବିଦ୍ୟାର୍ଥୀ ଲୌକିକ ଶିକ୍ଷାଠାରୁ ଦୂରକୁ ପଳାଇ ଯାଉଛି । ପିଲାମାନଙ୍କୁ ପାଶ୍ଚାତ୍ୟ ଭାଷା, ବେଶ ଓ ସଭ୍ୟତା ଭଲ ଲାଗୁଥିବା କାରଣରୁ ସେମାନେ କ୍ରମେ ଆମର ବୈଦିକ ସଂସ୍କୃତିଠାରୁ ଦୂରେଇ ଯାଉଛନ୍ତି ଯାହା ଆମ ସଂସ୍କୃତି ଉପରେ ଭୟଙ୍କର ପ୍ରଭାବ ପକାଉଛି । ଏଣୁ ଏବେ ସମୟ ଆସିଛି ଆବଶ୍ୟକତା ଅନୁସାରେ ବିଦ୍ୟାର୍ଥୀଙ୍କୁ ଉଭୟ ପାଶ୍ଚାତ୍ୟ ଓ ବୈଦିକ ସଂସ୍କୃତିର ଶିକ୍ଷା ନେବାକୁ ପଡିବ ବୋଲି ଆଜି ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ବ୍ୟକ୍ତ କରିଅଛନ୍ତି । ଅତିଥିଗଣଙ୍କୁ ଛାତ୍ରଛାତ୍ରୀମାନେ ମାନବ ଶୃଙ୍ଖଳ ଜରିଆରେ ପୁଷ୍ପବୃଷ୍ଟି ପୂର୍ବକ ପାଛୋଟି ନେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶଙ୍କର୍ଷଣ ମିଶ୍ରଙ୍କ ସାଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥିଗଣ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ଦୀକ୍ଷିତ ଯୋଗ ଦେଇ ଏମାଟିର ଗୌରବମୟ ଐତିହ୍ୟ, ସଂସ୍କୃତିର କଥା କହିଥିଲେ । ମୁଖ୍ୟ ବକ୍ତାଭାବରେ ଆନ୍ତର୍ଜାତୀୟ ଖେଳାଳି କ୍ରୀଡାବିତ ସୁଶ୍ରୀ ପାର୍ବତୀ କିସ୍କୁ ଯୋଗଦେଇ ଛାତ୍ରଛାତ୍ରୀମାନେ ସୋସିଆଲ ମିଡିଆରେ ଅଧିକ ସମୟ ଅତିବାହିତ ନକରି ପାଠପ୍ରତି ଧ୍ୟାନ ଦେବା ଉଚିତ ବୋଲି ମତ ରଖିଥିଲେ । ସମ୍ମାନିତ ବକ୍ତା ଭାବରେ । ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଅକ୍ଷୟ କୁମାର ଖିଲାର ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ଜୀବନରେ ଲକ୍ଷ୍ୟ ସ୍ଥିର କରି ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ଉତ୍ସବରେ ପୂର୍ବରୁ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ଡ. ଶ୍ରୀହରି ପଣ୍ଡା ଅତିଥି ପରିଚିୟ ପ୍ରଦାନ କରିବା ସହ ରିଚାଳନା କରିଥିଲେ । ଅଧ୍ୟାପକ ମନମୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବର ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ ହୋଇଥିଲା । ଅଧ୍ୟାପକ ସର୍ବେଶ୍ୱର ବିଶ୍ୱାଳଙ୍କ ତତ୍ୱାବଧାନରେ ଚାଲୁଥିବା ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି, ଉମାକାନ୍ତ ବେହେରା,ମଉନାବତୀ ଦାସ, ଶଶୀଧର ବେହେରା, ବିଷ୍ଣୁକୁମାର ରାଉତ ତଥା ସମସ୍ତ ଅଧ୍ୟାପକ, କର୍ମଚାରୀ ସକ୍ରୀୟ ଭୂମିକା ନେଇଥିଲେ ।


# ପାରାଦୀପ ବନ୍ଦର ପ୍ରଗତିର ଚିତ୍ର ଓ ଭିତ୍ତିଭୂମି ସମ୍ପର୍କରେ ମହାମହିମ ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ବନ୍ଦର ଅଧ୍ୟକ୍ଷ





ପାରାଦୀପ, ୩୧/୧ (ନି.ପ୍ର): ସମଗ୍ର ଦେଶରେ ପଣ୍ୟ କାରବାରରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ପାରାଦୀପ ବନ୍ଦରର ଭିତ୍ତିଭୂମି ଦିନକୁ ଦିନ ବଢିବାରେ ଲାଗିଛି । ପାରାଦୀପ ବନ୍ଦରର ଆଗାମୀ ପ୍ରକଳ୍ପ ଓ ଭିତ୍ତିଭୂମି ସମ୍ପର୍କରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଓ ଓଡିଶାର ମୁଖ୍ୟଶାସନ ସଚୀବ ଅନୁ ଗର୍ଗଙ୍କୁ ଭେଟି ତଥ୍ୟ ପ୍ରଦାନ କରିଛନ୍ତି ପାରଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ । ଓଡିଶା ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପ ବନ୍ଦର ଏକ ମାଇଲ୍ ଖୁଣ୍ଟ ଭାବେ ଠିଆ ହୋଇଛି । ବିକଶିତ ଭାରତ ଯୋଜନା ଅଧିନରେ ପାରାଦୀପ ବନ୍ଦର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।ମହାମହିମ ରାଜ୍ୟପାଳଙ୍କୁ ଲୋକ ସେବା ଭବନରେ ଭେଟି ବନ୍ଦର ଅଧକ୍ଷ ଶ୍ରୀ ହରନାଦ ପାରାଦୀପ ବନ୍ଦର ବିକାଶରେ ଆଗାମୀ ପ୍ରକଳ୍ପ ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଥ୍ୟ ଉପସ୍ଥାପନ କରିଥିଲେ । ପାରାଦୀପ ବନ୍ଦରରେ ଆଧୁନିକିକରଣ କରାଯାଇ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ମାନ ଉପସ୍ଥାପନ କରିବାକୁ ଯାଉଛି । ଓଡିଶାର ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ପାରାଦୀପ ବନ୍ଦର ସହାୟକ ହେଉଛି ବୋଲି ଶ୍ରୀ ହରନାଦ ମହାମହିମ ରାଜ୍ୟପାଳଙ୍କୁ ଜଣାଇଥିଲେ । ଏଥି ସହିତ ମୁଖ୍ୟଶାସନ ସଚୀବ ଅନୁ ଗର୍ଗଙ୍କୁ ଭେଟି ପାରାଦୀପ ବନ୍ଦର ୩୦୦ ଏମଏମଟି ପଣ୍ୟ କାରବାର କରିବାର ଲକ୍ଷ୍ୟ ରଖି ତାର ଦକ୍ଷତା ସହିତ ଭିତ୍ତିଭୂମିରେ ବିକାଶ କରୁଛି। ଓଡିଶାର ନୌବାଣିଜ୍ୟିକ ଦକ୍ଷତାରେ ନେତୃତ୍ୱ ନେଉଥିବା ଶ୍ରୀ ହରନାଦ ମୁଖ୍ୟ ଶାସନ ସଚୀବ ଶ୍ରୀମତୀ ଗର୍ଗଙ୍କୁ ସୂଚନା ଦେଇଥିଲେ। ଏଥି ସହିତ ଗଂଜାମ ଜିଲ୍ଲା ବାହୁଦାଠାରେ ପାରାଦୀପ ବନ୍ଦର ୨୧.୫୦୦ କୋଟି ଟଙ୍କା ବ୍ୟୟରେ ଏକ ସାଟେଲାଇଟ୍ ବନ୍ଦର ନିର୍ମାଣ ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଏଥି ସହିତ ପାରଦୀପ ବନ୍ଦରର ପଣ୍ୟ କାରବାରରେ ଅଭିବୃଦ୍ଧି ହୋଇ ପାରିବ ବୋଲି ଶ୍ରୀ ହରନାଦ ଜଣାଇଥିଲେ । କେନ୍ଦ୍ରାପଡାଠାରେ ୨୪.୭୦୦ କୋଟି ଟଙ୍କା ବ୍ୟୟରେ ଏକ ଜାହାଜ ମରାମତି କାରଖାନା ପ୍ରତିଷ୍ଠା ପାଇଁ ପାରାଦୀପ ବନ୍ଦର ଯୋଜନା କରିଥିବା ସମ୍ପର୍କରେ ଜଣାଇଥିଲେ । ପୁରୀଠାରେ ୫୦୦ କୋଟି ଟଙ୍କା ବ୍ୟୟରେ କ୍ରୁଜ୍ ଟର୍ମିନାଲ ସ୍ଥାପନ ପାଇଁ ଯୋଜନା ମଂଜୁରୀ ହୋଇଥିବା ଶ୍ରୀ ହରନାଦ ମୁଖ୍ୟଶାସନ ସଚୀବଙ୍କୁ ସୂଚନା ଦେଇଥିଲେ । ଏହା ପରେ ପାରାଦୀପ ବନ୍ଦର ଓଡିଶା ସମେତ ସମଗ୍ର ଦେଶରେ ଏକ ନୂଆ ଫର୍ଦ୍ଦ ଯୋଡିବା ନେଇ ସେ ଜଣାଇଥିଲେ ।

# ଏକାଦଶାହ ଅବସରରେ ଲକ୍ଷ୍ମୀପ୍ରିୟା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର, ୩୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରାଜଘାଟ ଅଞ୍ଚଳର ବିଶିଷ୍ଟ ଧର୍ମପ୍ରାଣା ମହିଳା ଲକ୍ଷ୍ମୀପ୍ରିୟା ଘୋଷଙ୍କର ୮୬ ବର୍ଷ ବୟହରେ ଦେହାନ୍ତ ଗତ ୨୨ ତାରିଖ ଗୁରୁବାର ଦିବା ୯ ।୩୦ ମିନିଟ ସମୟରେ ହୋଇଯାଇଛି। ତାଙ୍କର ଶେଷ କୃତ୍ୟ ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହେଇଯାଇଛି। ସେ ଜଣେ ପରମ ଧାର୍ମୀକ ତଥା ସାମାଜିକ କର୍ମୀ ଭାବରେ ପରିଗଣିତ । ଜିଲ୍ଲା ପରିଷଦ ଗଠନ ଓ ଏହାର ପ୍ରଥମ ନିର୍ବାଚନରେ ସେ ମୟୁରଭଞ୍ଜ ଅମର୍ଦା ପଞ୍ଚାୟତ ସଦସ୍ୟ ଭାବରେ ଲଢିଥିଲେ। ସେ ମଧ ଅମର୍ଦା ରାଧା ଗୋବିନ୍ଦ ମହାବିଦ୍ୟାଳୟର ପରିଚାଳନା କମିଟିର ପ୍ରତିଷ୍ଠାତା ସଦସ୍ୟା ଥିଲେ । ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ସହ ସେ ଜଡିତ ଥିଲେ। ସେ ଜଣେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ପାଇଁ ତିନି ଦଶନ୍ଧି ଧରି ନିଜକୁ ଉତ୍ସର୍ଗ କରିଥିଲେ । ଯୌଥ ପରିବାରରେ ସେ ଥିଲେ ସମସ୍ତଙ୍କ ପାଇଁ ଅତି ଆଦରଣୀୟା ଓ ସମସ୍ତଙ୍କର ଦୁଃଖ ସୁଖର ସାଥୀ । ସର୍ବୋପରି ସେ ଥିଲେ ଜଣେ ପରୋପକାରୀ, ଜନାଦ୍ଭୁତ ଓ ହୃଦୟବାନ ମଣିଷ । ତାଙ୍କ ମୃତ୍ୟୁରେ ରାଜଘାଟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ତିନି ପୁଅ, ତିନି ଝିଅ ଓ ଜ୍ୱାଇଁ, ନଅ ଜଣ ନାତି ନାତୁଣୀ ଅଛନ୍ତି ଓ ସମସ୍ତେ ନିଜ ନିଜ ଗୁଣରେ ପ୍ରତିଷ୍ଠିତ । ଆଜି ଏକାଦଶାହ ଅବସରରେ ବୈଷ୍ଣବ ସଂଗଠନ ତରଫରୁ ସଂକୀର୍ତନ ମହୋତ୍ସବ ସଂଗଠିତ କରାଯାଇଛି ଓ ସ୍ୱେଚ୍ଛା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଆଜିର ପବିତ୍ର ଦିବସରେ ତାଙ୍କର ଅମର ଆତ୍ମା ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । କୋଟି ପ୍ରଣାମ ଓ ଶ୍ରଦ୍ଧା ସୁମନ ଜଣାଉଛୁ ।

# ୨୪ତମ ପ୍ରତିଭା ମହୋତ୍ସବ ଉଦ୍‌ଘାଟିତ



ଖଇରା,୩୧ ।୧ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ପଡିଆରେ ୨୪ତମ ପ୍ରତିଭା ମହୋତ୍ସବ ଶୁକ୍ରବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇ ଯାଇଛି । କୁପାରୀ ରିଦମ ଡ୍ୟାନ୍ସ ଗ୍ରୁପର ପ୍ରତ୍ୟେକଟି ନୃତ୍ୟ ସାଙ୍ଗକୁ ଶୁଭାଶିଷ ମହାକୁଡଙ୍କ ସଙ୍ଗୀତ, ରାଜ୍ୟ ସଂସ୍କୃତି ବିଭାଗ ପ୍ରେରିତ ସମ୍ବଲପୁରୀ ନୃତ୍ୟ ତଥା ଅର୍କେଷ୍ଟ୍ରା ସଙ୍ଗିତ ସୁଧା ପକ୍ଷରୁ ସମସ୍ତ ପରିବେଷଣ ଦର୍ଶକଙ୍କୁ କାର୍ଯ୍ୟକ୍ରମର ଶେଷଯାଏ ବାନ୍ଧି ରଖିଥିଲା । ସଭାପତି ବସନ୍ତ କୁମାର ଖିଲାରଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ପାଢୀ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ତଥା ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ସାହୁ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖପତ୍ର ପ୍ରତିଭା ଉନ୍ମୋଚିତ ହେବା ପରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର କୃତିତ୍ୱ ହାସଲକାରୀ ପ୍ରତିକ ବିଶ୍ୱାଳ, ପରିଣିତି ଦାସ,ସୂର୍ଯ୍ୟକାନ୍ତ ପୃଷ୍ଟି, ଶୁଭସ୍ମିତା ପାତ୍ର, କଳ୍ପନା ପରିଡା, ବସନ୍ତ ମଞ୍ଜରୀ ସାମଲ, ଆରାଧ୍ୟା ମହାପାତ୍ର, ଶୁଭମ ବେହେରା, ଦିପଙ୍କର ତ୍ରୀପାଠୀ, ଦିବ୍ୟାସା ଦାସ, ମନିଶା ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ପାଦକ ରଘୁନାଥ ପତ୍ରୀ ବିବରଣୀ ପାଠ, ଶଶିକାନ୍ତ ଦାସ ଓ ବିମନ କୁମାର ବାରିକ ମଞ୍ଚ ପରିଚାଳନା ଓ କୁଞ୍ଜଲତା ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ଆଇଆଇସି ଭୁବନ ମୋହନ ସେଠୀଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଆପରାହ୍ନରେ ଆୟୋଜିତ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାକୁ ଡା ପ୍ରଭାକର ପଣ୍ଡା ଓ ପ୍ରାକ୍ତନ ଯୁଗଳ କିଶୋର ଗାହାଣ ଉଦ୍‌ଘାଟନ କରିଥିଲେ ।

# ସାହସର ସହ ଲଢ଼ି ଭାଲୁ କବଳରୁ ଜୀବନ ବଞ୍ଚାଇଲା ନାବାଳକ ଛାତ୍ର



ନୀଳଗିରି, ୩୧/୧ (ନି.ପ୍ର): ଘରୁ ଦୋକାନକୁ ଯାଉଥିବା ଜୈନିକ ନାବାଳକ ରାସ୍ତାରେ ଭାଲୁ ଆକ୍ରମଣରେ ଶିକାର ହୋଇଥିବା ଜଣାପଡ଼ିଛି ।ତେବେ ନିଜ ସାହସିକତାପାଇଁ ଭାଲୁ କବଳରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ନାବାଳକ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୀଳଗିରି ବ୍ଲକ ଜଡ଼ିଦା ଗ୍ରାମପଞ୍ଚାୟତ ଅଧିନ ଜଗନ୍ନାଥପୁର ଗ୍ରାମରେ। ଗ୍ରାମର ଧିରେନ୍ଦ୍ର ପାତ୍ରଙ୍କ ୧୩ ବର୍ଷୀୟ ନାବାଳକ ପୁତ୍ର ପ୍ରଭାତ ରାଧାମାଧବ ଜୀଉ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠପଢନ୍ତି। ଆଜି ସକାଳ ପ୍ରାୟ ୮ ଘଟିକା ସମୟରେ ସିଟି ସ୍କୁଲ ଦେଇ ପୋଡାଶୂଳ ବଜାରକୁ ଯାଉଥିବା ବେଳେ ହଠାତ ଦୁଇଟି ଭାଲୁ ହାବୁଡ଼ରେ ପଡ଼ିଥିଲେ। ତେବେ ଗୋଟିଏ ଭାଲୁ ପ୍ରଭାତକୁ ଆକ୍ରମଣ କରିଥିଲା ବେଳେ ପ୍ରଭାତ ସାହସର ସହିତ ଭାଲୁ ସହିତ ଲଢେଇ କରିବାରୁ ଭାଲୁଦୁଇଟି ବିଲ ଭିତର ଦେଇ ଦୌଡ଼ି ପଳାଇଥିଲେ ।ଭାଲୁ ଆକ୍ରମଣରେ ଛାତ୍ର ପ୍ରଭାତର ପେଟ ଏବଂ ଡାହାଣ ଗୋଡ଼ ଜଙ୍ଘ ରେ ସାମାନ୍ୟ କ୍ଷତ ହୋଇଥିଲା। ସଙ୍ଗେ ସଙ୍ଗେ ନୀଳଗିରି ମେଡ଼ିକାଲରେ ଭର୍ତ୍ତିକରି ଚିକିତ୍ସା କରାଯାଇଥିବା ବେଳେ ନୀଳଗିରି ବନ ବିଭାଗ ଫରେଷ୍ଟର ରାମଚନ୍ଦ୍ର ଲେଙ୍କା ମେଡିକାଲ ରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରିବୁଝିବା ସହିତ ଆସୁ ଆରୋଗ୍ୟ କାମନା କରିଥିଲେ।






❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida